RNI No.ODIODI/2010/33031
୧୭ ବର୍ଷ Volume-17
ISSUE -166 ସଂଖ୍ୟା-୧୬୬
ଭୁବନେଶ୍ୱର, ସୋମବାର ୧୪ ସେପ୍ଟେମ୍ବର ୨୦୨୬
Bhubaneswar, Monday 14 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ନିଜ ମାଟିରେ ସମ୍ମାନଜନକ ନିଯୁକ୍ତି ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୯(ନି.ପ୍ର.): ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ଟଇର ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ସେ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିକ୍ଷାୟନ ଅଭିଯାନକୁ ବ୍ୟାପକ କରାଯାଇଛି।

ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ନିକଟରେ ବିବୃତ୍ତି ରଖି ସେ କହିଥିଲେ ଯେ, ଏହି ଟଇର ଗସ୍ତ, ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିକ୍ଷାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ।

୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ ଇନ ଓଡ଼ିଶା କନକ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଗୁଜରାଟ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ— ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି

ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି । ଟଇର ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଙ୍ଗ୍, ୬ଟି ରାଉଣ୍ଡଟେବୁଲ ମିଟିଙ୍ଗ୍, ୪୬ଟି ୱାନ୍-ଟୁ-ୱାନ୍ ମିଟିଙ୍ଗ୍ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି। ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ। ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ଗସ୍ତ କାଳରେ ଟଇର ର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ଏବଂ ଓଏଡିର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆଇଏଚସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ୨୦୨୬ ଜୁଲାଇ ୨ ତାରିଖରେ ହୋଇଥିବା ଭାଗିଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଗଚ୍ଛଟ ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି। ଏହା ସହିତ ଟଇରର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ ଆହୁରି କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଆବଶ୍ୟକୀୟଳ ସ୍କିଲ ଟ୍ରେନିଂ ଦିଆଯାଉଛି।

ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଗଚ୍ଛଟ ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ।' ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ . ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , ଏକାମ୍ର ବିଧାୟକ ବାବୁ ସିଂ , ନିଆଳି ବିଧାୟକ ଛବି ମଲ୍ଲିକ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜ ସେବୀ ଜଗନ୍ନାଥ ପ୍ରଧାନ ଏବଂ ବିପୁଳ ସଂଖ୍ୟା ରେ ଜନସାଧାରଣ ମୁଖ୍ୟମନ୍ତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଜଣାଇଥିଲେ ।

ନକ୍‌ଭୀଙ୍କ ହାତରୁ କପ୍ ନେଲେନି

ଦୁବାଇ,୧୩।୯(ନି.ପ୍ର.): ଅଷ୍ଟମ ଥର ପାଇଁ ମହିଳା ଏସିଆ କପ୍ କ୍ରିକେଟ୍ ଟ୍ରଫି ଜିତିଛି ଭାରତୀୟ ଦଳ। ପୁରୁଷ ଦଳଭଳି ମହିଳା କ୍ରିକେଟ୍ ଦଳ ମଧ୍ୟ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ତଥା ପାକିସ୍ତାନ କ୍ରିକେଟ୍ ବୋର୍ଡ ମୁଖ୍ୟ ମୋହସିନ ନକ୍‌ଭୀଙ୍କ ହାତରୁ କପ୍ ନେଇ ନାହାନ୍ତି। ତେବେ ପୁରୁଷଙ୍କ ଏସିଆ କପ୍ ଫାଇନାଲ୍ ପରେ ନକ୍‌ଭି ଟ୍ରଫି ନେଇ ଚାଲିଯିବାର ନାଟକଠାରୁ ଦୂରେଇ ରହିଛନ୍ତି। ସେ ଉପବିଜେତା ଶ୍ରୀଲଙ୍କାକୁ ଚେକ୍ ପ୍ରଦାନ କରିବା ପରେ ପୁରସ୍କାର ବିତରଣୀ ଉତ୍ସବର ସମାପନ ହୋଇଥିଲା। ହର୍ମନପ୍ରୀତ କେରଙ୍କ ଦଳ ବିଜେତା ହୋଇଥିଲେ ମଧ୍ୟ ଭାରତର ନକ୍‌ଭୀଙ୍କୁ ବର୍ଜନ କରିବାର ଅଭିମୁଖ୍ୟକୁ ଅବ୍ୟାହତ ରଖି ତାଙ୍କ ହାତରୁ କପ୍ କିମ୍ବା ମେଡାଲ ନେବାକୁ ଆସି ନଥିଲା। ତେବେ ଚମତ୍କାର ଫିଲ୍‌ଡିଂ ପାଇଁ ନନ୍ଦିନୀ ଶର୍ମା, ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କଠାରୁ ମେଡାଲ ଗ୍ରହଣ କରିଥିଲେ।

ସରିଲା ବ୍ରିକ୍ସ, ୧୫ ରାଷ୍ଟ୍ରନେତାଙ୍କ ସହ ବୈଠକ

ନୂଆଦିଲ୍ଲୀ,୧୩।୯(ନି.ପ୍ର): ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ସଫଳତାର ସହ ଶେଷ ହୋଇଛି ଏବଂ ବିଦେଶୀ ରାଷ୍ଟ୍ରମୁଖ୍ୟମାନେ ନିଜ ନିଜ ଦେଶକୁ ଫେରିଛନ୍ତି। ଆୟୋଜିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ୧୫ ଜଣ ରାଷ୍ଟ୍ରନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଗତ ୩ ଦିନ ଧରି ଚାଲିଥିବା ଏହି କୂଟନୈତିକ ମାରାଥନ ବୈଠକରେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା ଏବଂ ଆଞ୍ଚଳିକ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ଆବୁଧାବିର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ଜାୟେଦ ଅଲ ନାହୟାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଅଲ-ସିସି, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ, ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କସ ଜୁନିୟର, କାଜାଖସ୍ତାନ ରାଷ୍ଟ୍ରପତି ଏବଂ ଇଣ୍ଡୋନେସିଆ, ଭିଏତନାମ, ଉଗାଣ୍ଡା

ଓ ନାଇଜେରିଆ ଆଦି ଦେଶର ନେତାମାନେ ମଧ୍ୟ ଏହି ଦ୍ୱିପାକ୍ଷିକ ଆଲୋଚନାରେ ସାମିଲ ଥିଲେ। ଏହି ବୈଠକଗୁଡ଼ିକରେ ମୁଖ୍ୟତଃ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା, ଗ୍ଲୋବାଲ ସପ୍ଲାଇ ଚେନ୍, ପଶ୍ଚିମ ଏସିଆର ସ୍ଥିତି, ସାମୁଦ୍ରିକ ସୁରକ୍ଷା ଏବଂ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅର୍ଥନୈତିକ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଭାରତର ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ 'ନୂଆଦିଲ୍ଲୀ ଘୋଷଣାନାମା ୨୦୨୬' ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି, ଯାହାକୁ ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ବୋଲି କୁହାଯାଉଛି। ଏଥିସହ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ଆସନ ପାଇଁ ଭାରତର ଦାବିକୁ ବ୍ରିକ୍ସ ମଞ୍ଚରେ ବର୍ଦ୍ଧିଲ। ସମର୍ଥନ । ୟୁଏନଏସସିରେ ସଂସ୍କାର ଆଣିବା ନେଇ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଯେଉଁ ସହମତି ଦେଖାଯାଇଛି, ତାହା ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ବୋଲି ଦେଖାଯାଉଛି। ଭାରତ ଦୀର୍ଘ ଦିନ ଧରି ୟୁଏନଏସସିରେ ସ୍ଥାୟୀ ସଦସ୍ୟ ପାଇଁ ଦାବି କରିଆସୁଛି।

ବ୍ରିକ୍ସ ଶିଖର ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଯୁକ୍ତିବିଦ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ବିଷୟରେ ଏକ ବଡ଼ ବାର୍ତ୍ତା ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅସ୍ତ୍ରଶସ୍ତ୍ର ଭାବରେ ଜ୍ଞାନକୌଶଳ ଏବଂ ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ବ୍ୟବହାର ବ୍ରିକ୍ସ ଦେଶଗୁଡିକର ସାଧାରଣ ପ୍ରଗତିରେ ବାଧା ସୃଷ୍ଟି କରିପାରେ। ଏଭଳି ପରିସ୍ଥିତିରେ ଟେକ୍ନୋଲୋଜିକୁ ଆପଣାଇବା ପ୍ରକ୍ରିୟାରେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ଆବଶ୍ୟକ । ଭାରତର ବ୍ରିକ୍ସ ଅଧ୍ୟକ୍ଷତା ସମୟରେ ନମନୀୟତା, ନବସୃଜନ, ସହଯୋଗ ଏବଂ ସ୍ଥିରତା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହି ଚିନ୍ତାଧାରା ଅଧୀନରେ ଟେକ୍ନୋଲୋଜି, ଷ୍ଟାର୍ଟଅପ୍, ଯୋଗାଣ ଶୃଙ୍ଖଳା ଏବଂ ଡିଜିଟାଲ ଚାଷ ଭଳି କ୍ଷେତ୍ରରେ ଅନେକ ପଦକ୍ଷେପ ନିଆଯାଇଛି । 'ଟେକ୍‌ନୋଲୋଜି ସମସ୍ତଙ୍କ ପାଇଁ ବ୍ୟବହାର ହେବା ଉଚିତ୍'- ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଟେକ୍‌ନୋଲୋଜି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅସ୍ତ୍ରୀକରଣ ସହଭାଗୀ ପ୍ରଗତି ପଥରେ ବାଧା ସୃଷ୍ଟି କରିପାରେ । ତେଣୁ ବ୍ରିକ୍ସ ଦେଶଗୁଡ଼ିକ ଟେକ୍‌ନୋଲୋଜିକୁ ଗ୍ରହଣ କରିବାର ସମାବେଶୀ ଚିନ୍ତାଧାରା ଉପରେ ଗୁରୁତ୍ୱ ଦେବା ଉଚିତ୍ । ଅର୍ଥାତ୍, ନୂତନ ଟେକ୍ନୋଲୋଜିର ଲାଭକୁ କିଛି ଦେଶ କିମ୍ବା ବଛା ବଛା ଗୋଷ୍ଠୀ ପର୍ଯ୍ୟନ୍ତ ସୀମିତ ରଖିବା ପରିବର୍ତ୍ତେ, ଅଧିକରୁ ଅଧିକ ଦେଶ ଏବଂ ଲୋକଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭବିଷ୍ୟତର ଜ୍ଞାନକୌଶଳ ଏବଂ ଏଆଇ ସହ ଜଡିତ ନିୟମର କ୍ଷେତ୍ରରେ ଗ୍ଲୋବାଲ୍ ସାଉଥ୍‌ର ଅଧିକ ସମ୍ମାନ ଅଂଶଗ୍ରହଣ କରିବା ଉଚିତ୍। ଟେକ୍ନୋଲୋଜିର ବ୍ୟବହାରର ଏକ ଉତ୍ତମ ଉଦାହରଣ ଡିଜିଟାଲ କୃଷି କ୍ଷେତ୍ରରେ ସାମ୍ନାକୁ ଆସିଛି । ଡିଜିଟାଲ କୃଷି ଉପରେ ବ୍ରିକ୍ସ ନେଟୱାର୍କ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା କୃଷକମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଏହି ପଦକ୍ଷେପ ମାଧ୍ୟମରେ ଏଆଇ, ଜିଓସ୍ପାଟିଆଲ ଟେକ୍ନୋଲୋଜି ଏବଂ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ଚାଷୀଙ୍କ ବାସ୍ତବ ଆବଶ୍ୟକତା ସହ ଜଡିତ ହେବ ।

ଓରାଙ୍ଗଉଟାନଙ୍କ ପାଇଁ ବିଶେଷଜ୍ଞ ଟିମ, ବାପ-ପୁଅକୁ ଖୋଜା

ଭୁବନେଶ୍ୱର, ୧୩।୯(ନି.ପ୍ର): ଓରାଙ୍ଗଉଟାନଙ୍କ ପାଇଁ ବିଶେଷଜ୍ଞ ଟିମ୍ ଗଠନ। ୫ ଜଣିଆ ବନ୍ୟ ପ୍ରାଣୀ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ଗଠନ । ସେମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ ଓ ରକ୍ଷଣାବେକ୍ଷଣ ଉପରେ ନଜର ରଖିବେ। ଟିମ୍ ଗଠନ କଲେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ପିସିସିଏଫ) ।ନନ୍ଦନକାନନରେ ଥିବା ଓରାଙ୍ଗଉଟାନଙ୍କ ଯତ୍ନ ସହ ଜଡ଼ିତ ସମସ୍ତ ବିଷୟରେ ଏହି ଟିମ୍ ଅନୁଧ୍ୟାନ କରିବ। ୫ ଜଣିଆ ଟିମ୍‌ରେ ନନ୍ଦନକାନନ ବାୟୋଲଜିକାଲ ପାର୍କର ନିର୍ଦ୍ଦେଶକ କମିଟିର ସଦସ୍ୟ-ଆବାହକ ରହିବେ। ମହୀଶୂରର ଶ୍ରୀ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ପ୍ରାଣୀ ଚିକିତ୍ସକ, ଡେରାଡୁନ୍ ର ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଜଣେ ପ୍ରତିନିଧି ଏବଂ ଭୁବନେଶ୍ୱର ଓୟୁଏଟିର ସେଣ୍ଟର ଫର୍ ୱାଇଲ୍ଡଲାଇଫ୍ ହେଲ୍ଥର ପ୍ରୋଜେକ୍ଟ କୋଅର୍ଡିନେଟର, ନ୍ୟାସନାଲ ଜୁଲଜିକାଲ ପାର୍କର ଭେଟେନାରୀ ଅଫିସର ସଦସ୍ୟ ରହିଛନ୍ତି।

୫ ଓରାଙ୍ଗଉଟାନ ଛୁଆ ଉଦ୍ଧାର ଘଟଣାରେ ଏସ୍‌ଟିଏଫ୍ ଦାଗର ଜଣେ ହୋଟେଲ ମାଲିକ ଓ ତାଙ୍କ ପୁଅଙ୍କୁ ଖୋଜୁଛି। ସେମାନେ ଏହି ମାମଲାରେ ସଂପୃକ୍ତ ଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ସେମାନେ ଫେରାର ଥିବାରୁ ସେମାନଙ୍କ ଉପରେ ଏସ୍‌ଟିଏଫର ସନ୍ଦେହ ଦ୍ୱିଗୁଣିତ ହୋଇଛି। ତେବେ ଏହି ବାପପୁଅ ମୁଖ୍ୟ ଆସାମୀ ନୁହନ୍ତି। ସେମାନେ ଏକ ବଡ୍ ଚେନ୍‌ର ଛୋଟ ଛୋଟ ସଦସ୍ୟ ମାତ୍ର। ସେମାନଙ୍କ ଉପରେ ଆହୁରି ଲୋକ ଅଛନ୍ତି ବୋଲି ସନ୍ଦେହ କରିଛନ୍ତି ପୂର୍ବତନ ଏନଟିସିଏ ଅତିରିକ୍ତ ଡିଜି ଓ ଡବ୍ଲୁସିସିବିର ଯୁଗ୍ମ ନିର୍ଦ୍ଦେଶକ ଅନୁପ ନାୟକ।

ସେ କହିଛନ୍ତି ଯେ ତଦନ୍ତର ଗତି ପଶ୍ଚିମବଙ୍ଗ ପୁଲିସ ଓ ଓଡିଶା ପୁଲିସର ସହଯୋଗ ଉପରେ ନିର୍ଭର କରୁଛି। ଏହା ଛଡା ଡିଆରଆଇ ଓ ସିବିଆଇକୁ ମଧ୍ୟ ଏହି ଘଟଣାରେ ସଂପୃକ୍ତ କରିବାର ସମ୍ଭାବନା ରହିଛି । ସମସ୍ତେ ମିଳିମିଶି କାମ କଲେ ବହୁତ ଶୀଘ୍ର ଏହି ରହସ୍ୟର ଉନ୍‌ମୋଚନ ହୋଇପାରିବ। ସେ କହିଛନ୍ତି ଯେ ଓରାଙ୍ଗଉଟାନ ଓଡିଶାରେ ରହିଲେ ଭଲ କଥା। କିନ୍ତୁ ପ୍ରୋଟୋକଲ ଅନୁସାରେ ପ୍ରଥମେ ତା'ର ମୂଳ ଦେଶକୁ ଖୋଜି ବାହାର କରାଯିବା ଆବଶ୍ୟକ । ପରେ ସେମାନଙ୍କୁ ସେହି ଦେଶକୁ ଫେରାଇ ଦିଆଯିବାର ନିୟମ ରହିଛି। କିନ୍ତୁ ଫେରାଇବା ପାଇଁ ମୂଳ ଦେଶର ଅନୁମତି ଆବଶ୍ୟକ। ସେମାନେ ରାଜି ହେବା ଦରକାର। ଆଉ ତା' ପାଇଁ ଯେତେ ପଇସା ଖର୍ଚ୍ଚ ହେବ ତାହା ସେମାନେ ଦେବା କଥା। ଏହା ହେଉଛି ପ୍ରଥମ ବିକଳ୍ପ। କିନ୍ତୁ ଏହା ଯଦି ସମ୍ଭବ ନହୁଏ, ତା'ହେଲେ ସେମାନଙ୍କୁ ଏଠାରେ ରଖାଯିବ। ଯେହେତୁ ସେମାନେ ଛୋଟ ଛୁଆ ଓ ଏତେ ଦୂର ବାଟ ଯିବା ତାଙ୍କ ବୟସ ଅନୁସାରେ ଠିକ ନୁହେଁ, ତେଣୁ ସ୍ଥାନାନ୍ତର ପ୍ରସ୍ତାବ କାଟ୍ ଖାଇଲେ ସେମାନଙ୍କୁ ଏଠାରେ ରଖାଯାଇପାରିବ। ପ୍ରୋଟୋକଲ ଅନୁସାରେ ସେମାନଙ୍କୁ ଜଙ୍ଗଲରେ ଛଡାଯିବା କଥା। କିନ୍ତୁ ସେମାନେ ଭାରତର ନୁହନ୍ତି। ତେଣୁ ସେମାନଙ୍କୁ ଜଙ୍ଗଲରେ ଛଡା ଯାଇପାରିବ ନାହିଁ। ତେଣୁ ସେମାନଙ୍କୁ ରେସ୍କ୍ୟୁ ସେଣ୍ଟରରେ ରଖାଯାଇପାରିବ।

ସାଇବର ଠକେଇ

ସୁନ

କଲେଜ ପରିସରରେ ୫ ଲକ୍ଷର ବୃକ୍ଷ ରୋପଣ

ଅସ୍ତରଙ୍ଗ,୧୩।୯ :(ମନ୍ଥନ) ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ମଣ୍ଡୁକି ପଞ୍ଚାୟତରେ ଆର୍ଥିକ ବର୍ଷ ୨୦୨୪-୨୫ରେ ଅସ୍ତରଙ୍ଗ କଲେଜ ପରିସରରେ ବୃକ୍ଷ ରୋପଣ ନାମରେ ୫ ଲକ୍ଷ ଟଙ୍କା ର ଦୁର୍ନୀତି ହୋଇଥିବା ଅସ୍ତରଙ୍ଗ ଜିଲ୍ଲାପାଳ ଙ୍କ ଜନଶୁଣାଣୀ ରେ ଅଭିଯୋଗ ହୋଇଥିଲା ।ଅଭିଯୋଗ ଅନୁଯାୟୀ, ଏହି କାର୍ଯ୍ୟରେ ଗୁରୁତର ଅନିୟମିତତା ହୋଇଛି । ରୋପଣ କରାଯାଇଥିବା ଗଛଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ମରିଯାଇଛି ରକ୍ଷଣା ବେକ୍ଷଣା କରାଯାଇ ନାହିଁ । ଏଥିସହିତ କାମ ନକରିଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରଦାନ ଏବଂ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ଖାତାକୁ ମଧ୍ୟ ଅର୍ଥରାଶି ଯାଇଥିବା ଅଭିଯୋଗ କରିଛନ୍ତି ।ଅଭିଯୋଗ ଅନୁଯାଇ ଉକ୍ତ କାର୍ଯ୍ୟର ସ୍ଥଳୀୟ ଯାଞ୍ଚ ସହିତ ମଷ୍ଟର ରୋଲ୍, ହିତାଧିକାରୀଙ୍କ ଉପସ୍ଥାନ ଓ ବ୍ୟାଙ୍କ ଖାତାକୁ ହୋଇଥିବା ଅର୍ଥ ପ୍ରଦାନର ସମ୍ପୂର୍ଣ୍ଣ ଯାଞ୍ଚ କରାଯାଉ । ଅନିୟମିତତା ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ହେବା ପାଇଁ ଅଭିଯୋଗ କାରୀ ସନ୍ତୋଷ କୁମାର ବେହେରା ଦାବୀ କରିଛନ୍ତି ।ଏ ସମ୍ପର୍କ ରେ ପଂଚାୟତ ଅଧିକାରୀ ବିଦ୍ୟୁ ଭୂଷଣ ମହାନ୍ତି ଙ୍କୁ ପଚାରିବାରୁ ବୃକ୍ଷ ରୋପଣ ପାଇଁ ଯେତିକି ଟଙ୍କା ମଞ୍ଜୁରୀ ହୋଇଥାଏ ତାହା ଏକା ଥରକେ ଖର୍ଚ୍ଚ ହୋଇ ନ ଥାଏ । ବୃକ୍ଷ ର ଆବଶ୍ୟକତା କୁ ନଜରରେ ରଖି ସ୍ତର ସ୍ତର ହୋଇ ଆବଶକୀୟ ଶ୍ରମିକ ନିୟୋଜିତ ହୋଇ ତାଙ୍କ ବ୍ୟାଙ୍କ୍ ଖାତା କୁ ଅର୍ଥ ଯାଇ ଥାଏ । ସମ୍ପୂର୍ଣ୍ଣ ଟଙ୍କା ଖର୍ଚ୍ଚ ହୋଇ ନାହିଁ । ଯେତିକି ବୃକ୍ଷ ରୋପଣ ହୋଇଥିଲା ସେହି ହିସାବରେ ମଜୁରୀ ଓ ଅନ୍ୟ ବାବଦକୁ ୧ ଲକ୍ଷ ଟଙ୍କା ଭିତରେ ଖର୍ଚ୍ଚ ହୋଇଛି ଅବଶିଷ୍ଟ ଟଙ୍କା ଅଛି ସମ୍ପୂର୍ଣ୍ଣ ଟଙ୍କା ଖର୍ଚ୍ଚ ହୋଇ ନାହିଁ । କଣ ପାଇଁ ଲାଗି ଥିବା ଗଛ ନାହିଁ ସମ୍ପର୍କ ରେ ସରପଞ୍ଚ ପ୍ରତିନିଧି ଙ୍କୁ ପଚାରିବାରୁ ଗଛର ଚାରିପଟେ ଆବଦ୍ଧ କରାଯାଇଥିଲା କେହି ଦୃବୃତ୍ତ ଆମକୁ ବଦନାମ କରିବା ପାଇଁ ଓପାଡି ଫୋପାଡି ଦେଇଥିବା କହିଛନ୍ତି । ଆମେ ବୃକ୍ଷ ରୋପଣ କରାଯାଇଥିବା ସମୟର ଫଟୋ ପ୍ରମାଣ ସହ ଆମ ପାଖରେ ଅଛି ।

ପୋଲିସ ପ୍ରଶାସନ ଏବଂ ବିଭିନ୍ନ ଗଣେଶ ପୂଜା କମିଟିର ବୈଠକ

ବୁଗୁଡ଼ା,୧୩।୯ :(ମନ୍ଥନ)ବୁଗୁଡ଼ା ଥାନା ପରିସରରେ ପୋଲିସ ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସ୍ଥାନୀୟ ଥାନା ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ଗଣେଶ ପୂଜା ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସୁରୁଖୁରୁରେ ପୂଜା କରିବା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରତି ପୂଜା କମିଟିର ସହଯୋଗ କାମନା କରାଯାଇଥିଲା । ପୂଜା ପେଣ୍ଡାଲରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ପୂଜା ପାଇଁ କମିଟି ସ୍ଥାନୀୟ ପୁଲିସ ଓ ପ୍ରଶାସନର ଅନୁମତି ନେବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା । ଭସାଣି ଉତ୍ସବ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ସହିତ ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ସ୍ଥାନରେ ବିସର୍ଜନ କରିବା ପାଇଁ ଅନୁରୋଧ କରାଯାଇଛି । ବୈଠକରେ ଥାନା ଅନ୍ତର୍ଗତ ୪୦ଟି ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

ଶିଶୁ ମେଳା ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର,୧୩।୯ :(ମନ୍ଥନ) ବାଲେଶ୍ୱର ଜିଲ୍ଲାର ଏକ ଅଗ୍ରଣୀ ସ୍ୱେଚ୍ଛସେବୀ ସଂଗଠନ,ବାଲେଶ୍ୱର ସାମାଜିକ ସେବା ସଂସ୍ଥା ପକ୍ଷରୁ ଆଜକୁ ତିନି ବର୍ଷ ଧରି ଜଳେଶ୍ୱର ବ୍ଲକ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ଆର୍ଥିକ ଅନଗ୍ରସର ଶ୍ରେଣୀର ଥିବା ପରିବାରର ପିଲା ମାନଙ୍କୁ କିପରି ଶିକ୍ଷା କ୍ଷେତ୍ରରେ ଆଗକୁ ଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ସେ ନେଇ ଜଳେଶ୍ୱର ବ୍ଲକର ଶ୍ରୀରାମପୁର ଗ୍ରାମ ପଞ୍ଚାୟତ ସହିତ ଆରୁହା ଗ୍ରାମ ପଞ୍ଚାୟତର ଶାଳୀକୋଠା ଓ ନାମ୍‌ପୋକୁ ମିଶାଇ୮ ଟି ଛୋଟ ଛୋଟ ସେଣ୍ଟର ପ୍ରତିଷ୍ଠା କରି ଗରିବ ପିଲାଙ୍କୁ ସଂସ୍ଥା ପକ୍ଷରୁ ମାଗଣାରେ ଟିଉସନର ସୁବିଧା ସାଙ୍ଗକୁ କମ୍ପ୍ୟୁଟର ଶିକ୍ଷା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ସହିତ କୁଇଜ୍ ପ୍ରତିଯୋଗିତା ପରି ଅନେକ ଶିକ୍ଷଣୀୟ ବିଷୟ ପିଲାମାନଙ୍କୁ ଅବଗତ କରାଇ ଆସୁଛନ୍ତି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଛତୁ ଚାଷ ଠାରୁ ଆରମ୍ଭ କରି ଧୂପକାଠି, ମହମବତୀ, ଆଚାର, ପାମ୍ପଡ ପ୍ରସ୍ତୁତି ପରି ଅନେକ କାର୍ଯ୍ୟକ୍ରମ ସାଙ୍ଗକୁ ଯୁବଶକ୍ତିକୁ ପ୍ରାଧାନ୍ୟ ନେଇ ଆଜି ନରଣପୁର ଗ୍ରାମରେ ସଂସ୍ଥା ପକ୍ଷରୁ କୁନି କୁନି ପିଲାଙ୍କୁ ଓ ଅଭିଭାବକ, ଶିକ୍ଷୟିତ୍ରୀ ଓ ସଂସ୍ଥାର କର୍ମକର୍ତ୍ତା ମାନଙ୍କୁ ନେଇ ବାର୍ଷିକ ଉତ୍ସବ(ଶିଶୁ ମେଳା) ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା ।

ଯୋଡ଼ା ବ୍ରାହ୍ମଣ ସମାଜର ଦ୍ୱିତୀୟ ବୈଠକ ଅନୁଷ୍ଠିତ

ଯୋଡ଼ା,୧୩।୯ :(ମନ୍ଥନ)ଗୁରୁବାର ରାତିରେ ଯୋଡ଼ା ବ୍ରାହ୍ମଣ ସମାଜ ର ଦ୍ୱିତୀୟ ବୈଠକ ଯୋଡ଼ା ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଯୋଡ଼ା ଅଞ୍ଚଳର ବ୍ରାହ୍ମଣ ମାନେ ଉପସ୍ଥିତି ରହି ସମାଜ ସେବାରେ,ସେମାନଙ୍କ ଭୂମିକା, କାର୍ଯ୍ୟଧାରା ତଥା ପ୍ରଗତି ଉପରେ ଧ୍ୟାନ ଆକର୍ଷଣ କରିଥିଲେ । ଯଜମାନ ଙ୍କ ପୂଜା ଉତ୍ସବ ,ମନ୍ଦିର ସେବାରେ ସେମାନଙ୍କ ତ୍ୟାଗ, ନିଷ୍ଠା ଭଲପାଇବା କୁ ସ୍ମରଣଯୋଗ୍ୟ କରିବା ଉଦ୍ଦେଶ୍ୟରେ ପୁରୋହିତ ମାନେ ଉତ୍ସାହର ବାତାବରଣ କୁ ଗୁରୁତ୍ୱ ଆରୋପ କରିବା ପାଇଁ ବରିଷ୍ଠ ସଦସ୍ୟ ମାନେ ମତପ୍ରକାଶ କରିଥିଲେ ଏବଂ ବ୍ରାହ୍ମଣ ସମାଜ ର ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ସଭାପତି ସ୍ମୃତି ରଂଜନ ଦାଶ, ଉପସଭାପତି ପ୍ରମୋଦ କୁମାର

ପତି ,ସମ୍ପାଦକ ବିଶ୍ୱଜିତ ଦିକ୍ଷୀତ,ସହ ସମ୍ପାଦକ ଭୂବନ ମୋହନ ରଥ, କୋଷାଧ୍ୟକ୍ଷ ରାଜେଶ କୁମାର କର ଏବଂ ଦଶ ଜଣ କାର୍ଯ୍ୟକାରୀ ସଦସ୍ୟ , ଡାକ୍ତର ପଲ୍ଲବ ଗୁଞ୍ଜନ ଶତପଥୀ, ସାରଦା ପ୍ରସାଦ ଆଚାର୍ଯ୍ୟ, ଗୋକୁଳାନନ୍ଦ ଦାଶ, ସିଦ୍ଧାର୍ଥ କର,ଅଭୟ କୁମାର ଶୁକ୍ଳ, ସୂର୍ଯ୍ୟ ମଣି ପଣ୍ଡା, ଦୀନବନ୍ଧୁ ପତି, ରବିନ୍ଦ୍ର କୁମାର ପାଢ଼ୀ, କିଶୋର କୁମାର ନନ୍ଦ ଓ ନିରଞ୍ଜନ ପଣ୍ଡା ଙ୍କୁ ଚୟନ କରାଯାଇଛି ।ବ୍ରାହ୍ମଣ ସମାଜ ଯୋଡ଼ା ର ପ୍ରଥମ ବୈଠକ ଯୋଡ଼ା ସ୍ଥିତ ରାଧା କୃଷ୍ଣ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଥିବା ବେଳେ ତୃତୀୟ ବୈଠକ ଯୋଡ଼ା ସ୍ଥିତ ମା ଲକ୍ଷ୍ମୀଙ୍କ ମନ୍ଦିରରେ ଚଳିତ ମାସ ୨୪ ତାରିଖ ରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ଧାର୍ଯ୍ୟ କରାଯାଇଛି । ଗାୟତ୍ରୀ ମନ୍ତ୍ର ପାଠ କରି ବୈଠକ ଆରମ୍ଭ କରାଯାଇଥିବାବେଳେ ମନ୍ତ୍ର ପାଠରେ ଦ୍ୱିତୀୟ ସଭା କାର୍ଯ୍ୟକୁ ସମାପନ କରାଯାଇଥିଲା ।

ପିଲା ଚୋରି ସନ୍ଦେହ ଜଣେ ଅଟକ : ୩ ଶିଶୁ ଉଦ୍ଧାର

ଡେଲାଙ୍ଗ,୧୩।୯ :(ମନ୍ଥନ)ଡେଲାଙ୍ଗ ରେଳ ଷ୍ଟେସନ ନିକଟରୁ ପିଲା ଚୋରୀ ସନ୍ଦେହରେ ଜଣେ ଯୁବକ କୁ ଡେଲାଙ୍ଗ ପୋଲିସ ଅଟକ ରଖିଛି । ସେହି ଯୁବକ ଠାରୁ ୩ଟି ଶିଶୁକୁ ଉଦ୍ଧାର କରି ପୋଲିସ ତଦନ୍ତ ଚଳାଇଛି । ତେବେ ମିଳିଥିବା ସୂଚନାନୁଯାଇ ଯୁବକ ଜଣକ ଡେଲାଙ୍ଗ ରେଳ ଷ୍ଟେସନ ନିକଟରେ ପିଲା ମାନଙ୍କୁ ଧରି ସନ୍ଦେହ ଅବସ୍ଥା ରେ ବୁଲୁଥିଲା । ସ୍ଥାନୀୟ ଲୋକ ଉଦ୍ଧାର କରି ଡେଲାଙ୍ଗ ପୋଲିସ ଜିମା ଦେଇଛନ୍ତି । ଉଦ୍ଧାର ୩ଶିଶୁଙ୍କ ମଧ୍ୟରେ ଦୁଇ ନାବାଳିକା ଜଣେ ନାବାଳକ ରହିଛନ୍ତି । ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି । ଯୁବକ ଜଣକ ଶିଶୁ ମାନଙ୍କ ପିତା ମାତାଙ୍କ ସହିତ ପୁରୀ ଯାଇଥିବା ପୋଲିସ କୁ କହିଛି । କିନ୍ତୁ ପିଲାଙ୍କ ବାପା ମା ପଛରେ ଆସୁଥିବା ରୁ ସେ ଡେଲାଙ୍ଗ ରେ ଓହ୍ଲାଇ ପଡ଼ିଥିବା ଯୁବକ ଜଣାଇଛି । ହେଲେ ସମସ୍ତେ ଭୁବନେଶ୍ୱରରେ ରହୁଥିବା ବେଳେ ପୋଲିସ ତଦନ୍ତରେ ନୟାଗଡ଼ ଥାନା ଅଂଚଳ ବୋଲି ଜଣା ପଡିଛି । ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଖବର ପାଇ ଡେଲାଙ୍ଗ ଥାନାରେ ପହଂଚି ଅଧିକ ତଦନ୍ତ ଜାରି ରଖିଛନ୍ତି । ଅନ୍ୟପଟେ ଡେଲାଙ୍ଗ ରେଳଷ୍ଟେସନ ନିକଟରେ ଘଟଣା ଘଟିଥିବା ରୁ ଜିଆରପି ପୋଲିସ ଡେଲାଙ୍ଗ ଥାନାରେ ପହଂଚି ପଚରା ଉଚରା ଚଳାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି ।

ଦାସିଆ ଅଜାଙ୍କ ୨୯ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି

ନୟାଗଡ଼,୧୩।୯ :(ମନ୍ଥନ) ପୂଜ୍ୟପୂଜା କମିଟି ନୟାଗଡ଼ ତରଫରୁ ପାଠାଗାର ଆନ୍‌ଦୋଳନର ଆଗଧାଡିର ନାୟକ ପ୍ରବାଦ ପୁରୁଷ ଦାଶରଥି ପଟ୍ଟନାୟକ (ଦାସିଆ ଅଜା) ଙ୍କ ୨୯ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦିପ ଧୂପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପୂଜ୍ୟପୂଜା କମିଟି ର ବରିଷ୍ଠ ସଦସ୍ୟ ତଥା ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନା ରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭା ରେ ଭାରତ ବିକାଶ ପରିଷଦର ସଭାପତି ଶ୍ରୀ ପ୍ରଶନ୍ନ କୁମାର ବସନ୍ତିଆ, ରୋଟାରୀ କ୍ଲବ ସଭାପତି ବାସୁଦେବ ସାହୁ, ନୟାଗଡ଼ କ୍ଲବ୍ ସଂପାଦକ ଶ୍ରୀଧର ସାହୁ, ସିଭିଲ ସୋସାଇଟ ସଦସ୍ୟ, ରୋଟାରିଆନ ଜି ରଶ୍ମିରାଜ, ପୂର୍ବତନ ବିଇଓ ନିମାଇଁ ସାର୍ ଙ୍କ ସମେତ ଅନେକ ଦାସିଆ ଅଜା ପ୍ରେମୀ ଉପସ୍ଥିତ ଥିଲେ । ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ର ସ୍କାଉଟ୍ ଛାତ୍ର ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଦଶ ପଇସାର ରାଜା ଦାସିଆ ଅଜା ଏବଂ ଦାସିଆ ଅଜା ଅମର ରହେ ସ୍‌ଲୋଗାନ ଦେଇଥିଲେ ଉପସ୍ଥିତ ସଦସ୍ୟମାନେ । ପରିଶେଷରେ ପୂଜ୍ୟପୂଜା କମିଟିର ଆବାହକ ଧିରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

ଗାଇ ତଳି ଖାଇବାକୁ କେନ୍ଦ୍ରକରି ଯୁବକକୁ ଆକ୍ରମଣ

ବଳଙ୍ଗା, ୧୩।୯ :(ମନ୍ଥନ) ଗାଇ ତଳି ଖାଇବାକୁ କେନ୍ଦ୍ରକରି ବଳଙ୍ଗା ଥାନା ଗେଣ୍ଡାମାଳି ଗ୍ରାମରେ ଜଣେ ଯୁବକକୁ ସେହି ଗ୍ରାମର ମା ଓ ପୁଅ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଗ୍ରାମର ଗଙ୍ଗାଧର ମହାରଣା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗଙ୍ଗାଧର ଧାନ ଚାଷ ପାଇଁ ସେହି ଗ୍ରାମର ଗୌରାଙ୍ଗ ମହାରଣାଙ୍କ ବିଲରେ ତଳି ପକାଇଛନ୍ତି । ଆଜି ମଧ୍ୟାହ୍ନ ସମୟରେ ଗଙ୍ଗାଧର ତଳି ବିଲକୁ ଯାଇଥିବା ବେଳେ ସେହି ଗ୍ରାମର ରମା ଛାଟୋଇ ନାମକ ଜଣେ ମହିଳା ତାଙ୍କ ଗାଇକୁ ଆଣି ତଳି ବିଲରେ ବାନ୍ଧିଥିବା ଦେଖିଥିଲେ । ଏନେଇ ସେ ରମାଙ୍କୁ କଣ ପାଇଁ ତଳି ବିଲରେ ଗାଇ ବାନ୍ଧିଛ ବୋଲି ପଚାରିବାର ରମା ପାଖରେ ପଡିଥିବା ଏକ ବାଡି ସାହାଯ୍ୟରେ ଗଙ୍ଗାଧରଙ୍କୁ ପିଟିଥିଲେ । ଏହି ସମୟରେ ରମାଙ୍କ ପୁଅ ହାତରେ ଧରିଥିବା ଲୁହା ପାଇପରେ ପିଟିବାରୁ ଗଙ୍ଗାଧରଙ୍କ ଦେହ ସାରା ଦାଗ ହୋଇଯାଇଥିଲା । ଏହି ସମୟରେ ମା ପୁଅ ଗଙ୍ଗାଧରଙ୍କ ଠାରୁ ତାଙ୍କ ମୋବାଇଲ ଓ ତାଙ୍କ ଦୋକାନ ଚାବିକୁ ଛଡ଼ାଇ ନେଇ ଦୋକାନରେ ନିଆଁ ଲଗାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

ଜଗତସିଂହପୁରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତସିଂହପୁର,୧୩।୯ :(ମନ୍ଥନ)ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଅଦାଲତରେ ଜିଲ୍ଲା ଓ ଶିରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ପରିବାର ଅଦାଲତ ଜଜ୍ ଶ୍ରୀମତୀ ରଶ୍ମିତା ଦଳେଇ, ଅତିରିକ୍ତ ଜିଲ୍ଲା ଶ୍ରୀ ବିଭୁ ପ୍ରସାଦ ପଣ୍ଡା, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ପ୍ରଜ୍ଞା ପରମିତା ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟେଟ ଶ୍ରୀ ନରୋତ୍ତମ ସେଠୀ, ସବ ଜଜ୍ ଶ୍ରୀ ରାକେଶ କୁମାର ମୁଦୁଲି,ଏସ୍.ଡି.ଜେ.ଏମ୍ ଶ୍ରୀ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନସିଫ ଶ୍ରୀ ସଂକେତ ସାମଲ, ଜେଏମ୍‌ଏଫ୍ ସି ଶ୍ରୀ ଅଙ୍କିତ ଦେଓ୍ୱାଙ୍ଗନ ଜେ.ଏମ୍‌ଏସ୍ ସି ଶ୍ରୀୟଙ୍କା ଦାଶ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ । ସେହିପରି କୁଜଙ୍ଗ, ତିର୍‌ତ୍ତୋଲ ଓ ଏରସମା ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ଦୀପ୍ତି ପ୍ରକାଶ ବ୍ରହ୍ମା, ସବ ଜଜ୍ ଶ୍ରୀ ଅବକାଶ ଚୌଧୁରୀ, ଜେଏମଏଫସି ଶ୍ରୀମତୀ ସିଓନା ସିଦ୍ଧାର୍ଥ ମହାରଣା, ଶ୍ରୀ ରାଜେଶ ମିଶ୍ର, ଶ୍ରୀମତୀ ସମ୍ବିତା ଶେଠୀ ଓ ଶ୍ରୀମତୀ ରୋଶ୍ମିବାଲା ସେନାପତିଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ, ତିର୍‌ତ୍ତୋଲ, ରଘୁନାଥପୁର ଓ ଏରସମା ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଓ ଦୁର୍ଘଟଣା ଜନିତ ମୋକଦ୍ଦମାର ବିଚାର ପାଇଁ ଉଦିଷ୍ଟ ବେଞ୍ଚରେ ପବ୍ଲିକ୍ ପ୍ରୋସେକ୍ୟୁଟର ତପନ କୁମାର ପାଲ, ଡଃ ଶିବ ଶଙ୍କର ଦାସ ଏବଂ ଆଇନଜିବୀ ଶରତ ଚନ୍ଦ୍ରସାହୁ, ସଭ୍ୟ ଭାବେ ମୋକଦ୍ଦମା ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିଓ୍ୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ ମୋକଦ୍ଦମା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି । ଜିଲ୍ଲାରୁ ମୋଟ ୧୭୮୦ ମାମଲାରୁ ୧୧୦୬ଟି ସଫଳତାର ସହ ଫଇସଲା ହେବା ସହିତ ୪ କୋଟି ୪୮ ଲକ୍ଷ ୮୨ ହଜାର ୪୮୮ ଟଙ୍କା ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ ମୋକଦ୍ଦମାରେ ୪୨୩୨ ଟି ମାମଳରୁ ୧୩୩ ଟି ସଫଳତାର ସହ ଫଇସଲା ହେବା ସହିତ ୫୧ ଲକ୍ଷ ୪୪ ହଜାର ୭୯୪ ଟଙ୍କା ଋଣ ଆଦାୟ କରାଯାଇଛି । ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ ?ଲ, ରଘୁନାଥପୁର, ଏରସମା ଅଦାଲତ ଏବଂ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ମୋକଦ୍ଦମା ଗୁଡିକର ଫଇସଲା କରାଯାଇ ଟଙ୍କା ଆଦାୟ କରାଯାଇଛି ।

ନୟାଗଡ ଜିଲ୍ଲାରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୩୨୦ଟି ମାମଲା ଫଏସଲା

ନୟାଗଡ଼, ୧୩।୯ :(ମନ୍ଥନ) ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଆଜି ନୟାଗଡ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷରର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ନୟାଗଡ ଜିଲ୍ଲାର ଉକ୍ତ ଲୋକ ଅଦାଲତରେ ୧୧ ଟି ସାଲିସଯୋଗ୍ୟ ଫୌଜଦାରୀ ମାମଲା ଫଇସଲା କରାଯାଇଥିଲା । ୮ ଟି ଏନ.ଆଇ ଆକ୍ଟ ମାମଲାର ଫଇସଲା ହୋଇଥିଲା । ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୧୧୭ ଜଣ ଋଣ ଗ୍ରହିତାଙ୍କଠାରୁ ୩୪,୮୭,୪୯୩ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା । ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୫୮,୧୫,୦୦୦ ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଟ୍ରାଫିକ ଚାଲାଣ ବାବଦକୁ ୧୦୩୪ ମାମଲା ଫଇସଲା କରାଯାଇ ୩୪

ଶେଷ ହୋଇଛି ଯାଜପୁର ଜିଲ୍ଲାରେ ସୃଷ୍ଟି ହୋଇଥିବା ତିନିଗୋଟି ମୁଖ୍ୟ ଘାଇର ମରାମତି କାର୍ଯ୍ୟ

ଯାଜପୁର,୧୩।୯ :(ମନ୍ଥନ)ଶେଷ ହୋଇଛି ଯାଜପୁର ଜିଲ୍ଲାରେ ସୃଷ୍ଟି ହୋଇଥିବା ତିନିଗୋଟି ମୁଖ୍ୟ ଘାଇର ମରାମତି କାର୍ଯ୍ୟ। ଦଶରଥପୁର ବ୍ଲକ ଡୋଭାବିଲ ପାଟଣାରେ ବୈତରଣୀ ନଦୀର ଶାଖା କାଣୀ ନଦୀ ବନ୍ଧରେ ସୃଷ୍ଟି ହୋଇଥିବା ଘାଇ ଓ ବିଂଝାରପୁର ବ୍ଲକ ହଳଦୀଡ଼ିଅ ଠାରେ ଖରସ୍ରୋତାର ଶାଖା ନୂଆମାହାରା ନଦୀବନ୍ଧରେ ଏବଂ ବରୀ ବ୍ଲକ କିୟିରିଆ ରେ ବ୍ରାହ୍ମଣୀ ନଦୀ ବଂଧରେ ସୃଷ୍ଟି ହୋଇଥିବା ଘାଇକୁ ବନ୍ଦ କରିବାରେ ସକ୍ଷମ ହୋଇଛି ଜଳ ସମ୍ପଦ ବିଭାଗ। ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇଙ୍କ ନେତୃତ୍ୱରେ ଏହି ଘାଇ ମରାମତି କାର୍ଯ୍ୟ ଶେଷ ହୋଇଛି। ନଦୀ ମାନଙ୍କରେ ଜଳସ୍ରୋତ କମିବା ପରେ ଯୁଦ୍ଧକାଳୀନ ଭିତିରେ ଅତ୍ୟାଧୁନିକ ମେସିନ ବ୍ୟବହାର କରାଯାଇ ନଦୀର ବିଭିନ୍ନ ସ୍ଥାନରେ ପାଣିକୁ ଅଟକାଇ ଘାଇ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଛି। ସୂଚନା ଥାଉକି ବୈତରଣୀରେ ପ୍ରଳୟଙ୍କାରୀ ବନ୍ୟା ଫଳରେ ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀର ଶାଖା କାଣୀ ନଦୀବନ୍ଧର ଡୋଭାବିଲ ପାଟଣାରେ ଗତ ଜୁଲାଇ ୨୯ରେ ସୃଷ୍ଟି ହୋଇଥିଲା ୩୦୦ଫୁଟର ଘାଇ ହୋଇ ବ୍ଲକର ୧୯ ପଂଚାୟତରେ ବ୍ୟାପକ ଅଂଚଳ ବନ୍ୟାଜଳରେ ବୁଡ଼ିଯାଇଥିଲା। ପୂର୍ବରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବାରମ୍ବାର ବୈତରଣୀରେ ବନ୍ୟାଜଳ ପ୍ରଭାବିତ ହେଉଥିବାରୁ ଘାଇ ମରାମତି କାର୍ଯ୍ୟ ଆଗେଇ ପାରୁ ନଥିଲା। ଫଳରେ ସେଇ ଘାଇ ବାଟ ଦେଇ ବନ୍ୟାଜଳ ପ୍ରବେଶ କରୁଥିବାରୁ ସ୍ଥାନୀୟ ଅଂଚଳରେ ମାସାଧିକ କାଳ ଲୋକେ ଜଳବନ୍ଦୀ ହୋଇ ରହିଥିଲେ। ଏବେ ଜଳସ୍ତର ହ୍ରାସ ପାଇବା ପରେ ଘାଇ ମରାମତି କାର୍ଯ୍ୟ ଶେଷ ହୋଇ ସୁଦୃଢ଼ିକରଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଆଗାମୀ ଲଘୁଚାପଜନିତ ବର୍ଷା ଲାଗି ରହିଲେ ବନ୍ୟା ହେଲେ ପୂର୍ବ ଘାଇ ଦେଇ ବନ୍ୟାପାଣି ପ୍ରବେଶ ହେବ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି। ଏଥିସହ ବାସଗୃହ କ୍ଷୟକ୍ଷତିର ଆକଳନ ଜାରିରହିଛି ଓ ଆଗାମୀ ୧୭ତାରିଖ ସୁଧା ଜିଲ୍ଲାରେ ଚାଷୀ ମାନଙ୍କ କ୍ଷୟକ୍ଷତିର ଆକଳନ ସରିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର ସୂଚନା ଦେଇଛନ୍ତି ।

ସୁତନ ସାଧନ କେନ୍ଦ୍ର ସ୍ତରୀୟ ୩ୟ ମାସିକ ବୈଠକ ଅନୁଷ୍ଠିତ

ଗୋପ,୧୩।୯ :(ମନ୍ଥନ) ଶୁକ୍ରବାର ଗୋପ ବ୍ଲକ ଅନ୍ତର୍ଗତ ସୁତନ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୨ ଜଣ ପ୍ରଧାନ ଶିକ୍ଷକ ଓ ୯ ଜଣ ଏଫ୍‌ଏଲ୍‌ଏନ ଶିକ୍ଷକ ମାନେ ଉପସ୍ଥିତ ରହି ଆଦର୍ଶ ପାଠ ଯୋଜନା ପ୍ରସ୍ତୁତି ଓ ଉପସ୍ଥାପନା, ଶିକ୍ଷାର୍ଥୀଙ୍କ ଶୈକ୍ଷିକ ଦକ୍ଷତା ଆକଳନ ଏବଂ ସାମଗ୍ରିକ ପ୍ରଗତି ପତ୍ର ପ୍ରସ୍ତୁତି ଆଦି ବହୁବିଧ ଶୈକ୍ଷିକ ଓ ସହଶୈକ୍ଷିକ ପ୍ରସଂଗ ଉପରେ ଆଲୋଚନା କରାଜାଇଛି ଫଳସ୍ୱରୂପ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ପ୍ରକ୍ରିୟାକୁ ସଶକ୍ତ କରୁଛି ଖଲକଟାପାଟଣା ପ୍ରାଥମିକ ବିଦ୍ୟାଳୟରେ ସାଧନକେନ୍ଦ୍ର ସ୍ତରୀୟ ୩ ତୃତ୍ରୀୟ ବୈଠକ ଅନୁଷ୍ଠିତ ହୋଇଥଲା ସିଆରସିସି ତ୍ରିଲୋଚନ ବେଜଙ୍କ ସଂଯୋଜନାରେ ଆୟୋଜିତ ଶୈକ୍ଷିକ ବୈଠକରେ (ସିଆରଜି) ଶିକ୍ଷକ ସନ୍ତୋଷ କୁମାର ଦାଶ ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷଣ କାର୍ଯ୍ୟ, ଗ୍ୟାଲେରୀ ୱାକ୍, ଆକଳନର ରୂପରେଖ, ସାମଗ୍ରିକ ପ୍ରଗତି ପତ୍ର, ଶିକ୍ଷଣ ସୋପାନ ରେଜିଷ୍ଟର, ପିଏମ୍ ଇ-ବିଦ୍ୟା ଓ ଦୀକ୍ଷା ଆପରେ ପଞ୍ଜୀକରଣ ଓ ବର୍ଣ୍ଣାଳୀ ପ୍ରସଂଗ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟଧାରାର ମନିଟରିଂ କରିଥିଲେ। ଏହି ବୈଠକ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

ସାମ୍ବାଦିକ ଦେବୀପ୍ରସାଦ ଦାଶଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା,୧୩।୯ :(ମନ୍ଥନ) ଗଞ୍ଜାମ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ଉପସଭାପତି ତଥା ଶେରଗଡ଼ ଆଞ୍ଚଳିକ ସାମ୍ବାଦିକ ସଙ୍ଘର ଉପଦେଷ୍ଟା ଦେବୀ ପ୍ରସାଦ ଦାଶ(୪୨)ଙ୍କ ଅକାଳ ବିୟୋଗରେ ବୁଗୁଡ଼ା ମିଡ଼ିଆ କ୍ଲବ ପକ୍ଷରୁ ସଭାପତି ଅନିଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ସମ୍ବାଦିକ ଭବନ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସ୍ୱର୍ଗତ ଦେବୀପ୍ରସାଦଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ସେ ଜଣେ ନିଷ୍ଠାବାନ,ପରୋପକାରୀ ଏବଂ ସଂଗଠକ ଭାବେ ବେଶ ଜଣାଶୁଣା ଥିଲେ। ତାଙ୍କର ଅକାଳ ବିୟୋଗରେ ସଙ୍ଘର ଅପୂରଣୀୟ କ୍ଷତି ଘଟିଲା ବୋଲି ଉପସ୍ଥିତ ସାମ୍ବାଦିକ ମାନେ ମତବ୍ୟକ୍ତ କରିବା ସହ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ତାଙ୍କ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ ନିମନ୍ତେ ଦାବୀ କରିଥିଲେ ଲ ଉକ୍ତ ଶୋକସଭାରେ ମିଡ଼ିଆ କ୍ଲବ ଉପଦେଷ୍ଟା କାଳୀ ଚରଣ ଦାଶ, ସମ୍ପାଦକ ପ୍ରଫୁଲ୍ଲ ପଟ୍ଟନାୟକ, ସହସମ୍ପାଦକ ହରପ୍ରସାଦ ପାଢ଼ୀ, କୋଷାଧକ୍ଷ ବିଶ୍ୱ ମୋହନ ମିଶ୍ର, ସଦସ୍ୟ ଅଭୟ ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ଉପସଭାପତି ମନୋରଞ୍ଜନ ଦାଶ ଓ ସଦସ୍ୟ ଶିବ ପ୍ରସାଦ ଦୋରା ଗଭୀର ଶୋକ ପ୍ରକାଶ କରିଥିଲେ।

ଲଡୁ ଗାଁ ପିତବାସପୁର ଲିଫ୍ଟ କେନାଲ ବ୍ରିଜ ନିକଟରୁ ମିଳିଲା ସିଲେଇଜର ଗ୍ରାମରୁ ନିଖୋଜ ବିଧବା ମହିଳାଙ୍କ ମୃତ ଦେହ

କଳାହାଣ୍ଡି,୧୩।୯ :(ମନ୍ଥନ)ଆଜି ଶନିବାର ଦିନ ଗୋଟାଏ ବେଳେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ସିଲେଇଜୋର ଗ୍ରାମର ଦସାଇ ମାଝିଙ୍କ ମୃତ ଦେହ ମିଳିଛି ।ଗତ ଦୁଇ ଦିନ ତଳେ ନିଖୋଜ ଥିଲେ ଦସାଇ। ,ସ୍ୱାମୀର ମୃତ୍ୟୁ ପରେ ବାପା-ମା' ଘର ଜାମଛୁଆଁ ଓ ସ୍ୱାମୀ ଘର ସିଲେଇଜୋରକୁ ଯିବା ଆସିବା ଚାଲିଥିଲା କିନ୍ତୁ ଗତ ଦୁଇ ଦିନ ତଳେ ନିଖୋଜ ଥିଲେ । କୌଣସି କାରଣରୁ ମେଗାଲିଫ୍ଟ କେନାଲରେ ଭାସିଯାଇଥିଲେ ।ଆଜି ଶନିବାର ଲଡୁଗାଁ ନିକଟସ୍ଥ ପିତବାସପୁର ବ୍ରିଜ୍ ନିକଟରୁ ଦସାଇ ମାଝିଙ୍କ ମୃତଦେହ ଥିବା ଖବର ପାଇ ଘଟଣାସ୍ଥଳରେ କୋକସରା ପୋଲିସ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗ ସହାୟତାରେ ମୃତ ଦେହ ଉଦ୍ଧାର କରିଥିଲେ। ଏହାପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିଇଲା । ସୂଚନା ଅନୁସାରେ,ଦସାଇ ମାଝିଙ୍କ ସ୍ୱାମୀଙ୍କର ୪-୫ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା ।ମୃତ ଦସାଇ ମାଝିଙ୍କ ଦୁଇ ପୁଅ ଓ ଜଣେ ଝିଅ ଥିବା ସୂଚନା ମିଳିଛି ।ଘଟଣାକୁ ନେଇ ପରିବାରରେ ଶୋକର ଛାୟ ଖେଳି ଯାଇଛି ।

ବିଭିନ୍ନ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ ଅନୁଷ୍ଠିତ

ଖଣ୍ଡପଡା, ୧୩।୯ :(ମନ୍ଥନ)ଖଣ୍ଡପଡା ସହରାଞ୍ଚଳ ଅଧୀନ ବାଇପାସ ରାସ୍ତା ଏବଂ କୁମ୍ଭାରପଡା ପଞ୍ଚାୟତ ଅଧୀନ ଜାକଲା ଠାରେ ନୂତନ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ଜାକଲା ଠାରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାପକ ଭାବେ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟଅତିଥି ଭାବେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଜିଲ୍ଲାପାଳ ମଧୁମିତା ରଥ, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରା, ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋ, କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ବେହେରା ପ୍ରମୁଖ ଉପସ୍ଥିତ ରହିବା ସହିତ ଶିଳାନ୍ୟାସ କରିଥିଲେ। କୁଆଁରିଆ ନଦୀ ଉପରେ ପ୍ରାୟ ୯.୦୧ କୋଟି ବ୍ୟୟରେ ହାଇଲେବୁଲ ସେତୁ ନିର୍ମାଣ ନିମନ୍ତେ ଏହି ଶିଳାନ୍ୟାସ ଅନୁଷ୍ଠିତ ହୋଇଥିବା ବେଳେ କାମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି। ସେହିପରି ସନ୍ଧ୍ୟାରେ ସହରାଞ୍ଚଳ ଅଧୀନ ବାଇପାସ ରାସ୍ତାରେ ସୁନାମୁହଁ ନାଳ ଉପରେ ପ୍ରାୟ ୪.୯୯ କୋଟି ବ୍ୟୟ ଅଟକଳରେ ନୂତନ ସେତୁ ନିମନ୍ତେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ ପ୍ରମୁଖ ବହୁ ଦଳୀୟ କର୍ମୀ ଓ ନେତା ସାମିଲ ଥିଲେ।

ନୁଆଁଖାଇ ପାଇଁ ଆଲୋକରେ ଝଲସିବ ଦେବୀଙ୍କ ମନ୍ଦିର

ବଲାଙ୍ଗିର,୧୩।୯ :(ମନ୍ଥନ) ବଲାଙ୍ଗିର ନୁଆଁଖାଇ ପାଇଁ ସହରସାରା ଭିଡ ଜମିଥିବା ବେଳେ ମନ୍ଦିର ଓ ରାସ୍ତାଘାଟ ଆଲୋକ ସଜ୍ଜାରେ ପ୍ରସ୍ତୁତି ଚାଲିଛି। ଏ ନେଇ ଦେବାଳୟ ସୁରକ୍ଷା କମିଟି ପୌର ପ୍ରଶାସନର ବିଭିନ୍ନ ଦାବି ଉପରେ ଦ୍ୱାରସ୍ତ ହୋଇଥିଲା । ବଲାଙ୍ଗିର ୧୮୭୨ ମସିହାରେ ନୂତନ ଭାବେ ରାଜଧାନୀ ସ୍ଥାପନ ହୋଇଥିବା ବେଳେ ପୂର୍ବରୁ ବଳରାମ ଗଡ ଭାବେ ମୁଖ୍ୟ ଭୂମିକା ନେଇଥିଲା । ପାଟଣାର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଗଡର ଇଷ୍ଟଦେବୀ ଭାବେ ପୂଜା ପାଇ ଆସୁଛନ୍ତି । ୧୯୧୫ ମସିହାରେ ମାଁ ପାଟଣେଶ୍ୱରୀ ଦେବୀଙ୍କ ସାନ ଭଉଣୀ ମାଁ ସମଲେଶ୍ୱରୀ ବି ପୂଜା ପାଉଛନ୍ତି ଏହି ଗଡରେ । ରାଜ ଶାସନ ହାତରୁ ଚାଲିଯାଇଥିବା ବେଳେ ସରକାରଙ୍କ ହାତରେ ଚାଲିଛି । ବଲାଙ୍ଗିର ସହର ସୌନ୍ଦର୍ଯ୍ୟକରଣ, ବିଭିନ୍ନ ଚିତ୍ର ଛବି ଓ ଐତିହ୍ୟ ସୁରକ୍ଷା ନିମନ୍ତେ ବଲାଙ୍ଗିର ମ୍ୟୁନିସିପାଲିଟି ବିଭିନ୍ନ ପ୍ରୟାସ କରି ଆଗକୁ ନେଇଛି। ଗଡର ଇଷ୍ଟଦେବୀ କୁ ସମ୍ମାନ ଦେଇ ମୁଖ୍ୟ ଏନ୍‌ଏଚ୍ ୨୬ ରେ ମାଁ ପାଟଣେଶ୍ୱରୀ ଦ୍ୱାର ନିର୍ମାଣ ଯାହାକି ସମ୍ବଲପୁର କିମ୍ବା ଟିଟିଲାଗଡ ରାସ୍ତାରେ ଗେଟ ନିର୍ମାଣ କରିବା ପାଇଁ ଦାବି। ସେହିଭଳି ମାଁ ସମଲେଶ୍ୱରୀ ଦେବୀ ନାମରେ ଗେଟ ନିର୍ମାଣ କରିବା ପାଇଁ ମଧ୍ୟ ଦାବି କରାଯାଉଛି। ଏନ୍‌ଏଚ୍ ୫୭ ଯାହାକି ପାଟଣାଗଡ ଦେଇ ରାସ୍ତା ନିର୍ମାଣ କରିବା ପାଇଁ ଦାବି । ବଲାଙ୍ଗିର

ମ୍ୟୁନିସିପାଲିଟି ସମ୍ମୁଖରେ ପୁରୁଣା ରାଜଭାଟି ମୁଖ୍ୟ ଗେଟ ଐତିହ୍ୟ ବହନ କରୁଥିବା ଏବେ ବିପଦ ସଂକୁଳ ଅବସ୍ଥାରେ ଏହି ଗେଟର ବଲାଙ୍ଗିର ଇତିହାସ ରେ ବେଶ ପରିଚୟ। ଏହାର ସୁରକ୍ଷା ନିମନ୍ତେ ମ୍ୟୁନିସିପାଲିଟି ସୌନ୍ଦର୍ଯ୍ୟକରଣ ଓ ମରାମତି କରିବା ପାଇଁ ଦାବି। ଆଗାମୀ ୧୫ ତାରିଖ ଦିନ ପଶ୍ଚିମ ଓଡିଶାର ନୁଆଁଖାଇ ଆନନ୍ଦ ଉଲ୍ଲାସରେ ପାଳନ ହେବାକୁ ଯାଉଥିବା ବେଳେ ମାଁ ପାଟଣେଶ୍ୱରୀ ମନ୍ଦିର ଓ ମାଁ ସମଲେଶ୍ୱରୀ ମନ୍ଦିର ଆଲୋକସଜ୍ଜା ଓ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଲିଖିତ ଭାବେ ଦାବି କରିଛନ୍ତି । ବିଭିନ୍ନ ଦାବିକୁ କମିଟିର ସହ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଗୁରୁତ୍ୱ ଭାବେ ଗ୍ରହଣ କରିଛନ୍ତି । ନୂତନ ଭାବେ ଗଡର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଦ୍ୱାର ଓ ସମଲେଇଶ୍ୱରୀ ଦ୍ୱାର ପାଇଁ ଦୁଇ ଗୋଟି ଗେଟ ନିର୍ମାଣ ଐତିହ୍ୟ ବହନ କରୁଥିବା ପୁରାତନ ରାଜଭାଟି ଗେଟ ସ୍ୱତନ୍ତ୍ର ଭାବେ ଏହାର ମରାମତି କରିବା ପାଇଁ ନିଷ୍ପତ୍ତି ନିଆ ସରିଛି । ନୁଆଁଖାଇ ପାଇଁ ଦୁଇ ଦେବିଙ୍କ ମନ୍ଦିର ଆଲୋକ ସଜ୍ଜାରେ ଝଲସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଜୟକୃଷ୍ଣ ମିଶ୍ର, ଉପଦେଷ୍ଟା ସୁରେନ୍ଦ୍ର ନେଗୀ, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧକ୍ଷ ଭବାନୀ ଶଙ୍କର ଭୋଇ, ରିଣ୍ଟୁ ସାହୁ ପ୍ରମୁଖ ସାମିଲ ଥିଲେ।

କନ୍ଧମାଳ ଜିଲ୍ଲା ମିଡିଆ ଫୋରମର ଦ୍ୱିବାର୍ଷିକ ନିର୍ବାଚନ ସୁନୀଲ ବିଶ୍ୱାଳ ସଭାପତି, ରମେଶ ଚନ୍ଦ୍ର ପ୍ରଧାନ ସାଧାରଣ ସମ୍ପାଦକ

କନ୍ଧମାଳ,୧୩।୯ :(ମନ୍ଥନ) କନ୍ଧମାଳ ଜିଲ୍ଲା ମିଡିଆ ଫୋରମର ଦ୍ୱିବାର୍ଷିକ ନିର୍ବାଚନ ଫୁଲବାଣୀ ଜିଲ୍ଲା ପ୍ରେସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଛି। ଉପସ୍ଥିତ ସଦସ୍ୟମାନଙ୍କ ସର୍ବସମ୍ମତିକ୍ରମେ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଛି ।ସଭାପତି ପଦ ପାଇଁ ସୁନୀଲ ବିଶ୍ୱାଳଙ୍କ ନାମ ଶିବାନନ୍ଦ ପଟ୍ଟନାୟକ ପ୍ରସ୍ତାବ କରିଥିବା ବେଳେ ଶିବରାମ ନାୟକ ଏହାକୁ ସମର୍ଥନ କରିଥିଲେ। ଉପସଭାପତି ପଦ ପାଇଁ ବାଳକୃଷ୍ଣ ଚର୍ଚ୍ଚିଙ୍କ ନାମ ସୂର୍ଯ୍ୟ ନାରାୟଣ ବେହେରା ପ୍ରସ୍ତାବ କରିଥିବା ବେଳେ ଅଜିତ ମହାରଣା ସମର୍ଥନ କରିଥିଲେ ।ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ରମେଶ ଚନ୍ଦ୍ର ପ୍ରଧାନଙ୍କ ନାମ ପ୍ରଶାନ୍ତ ପଣ୍ଡା ପ୍ରସ୍ତାବ କରିଥିବା ବେଳେ ବାଳକୃଷ୍ଣ ଚର୍ଚ୍ଚି ସମର୍ଥନ କରିଥିଲେ। ଯୁଗ୍ମ ସମ୍ପାଦକ ଭାବେ କ୍ଷୀରୋଦ ସାହାଣୀଙ୍କୁ ରମେଶ ଚନ୍ଦ୍ର ପ୍ରଧାନ ପ୍ରସ୍ତାବ ଓ ସତ୍ୟ ବେହେରା ସମର୍ଥନ କରିଥିଲେ। କୋଷାଧକ୍ଷ

ଭାବେ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନାମ ସୁନୀଲ ବିଶ୍ୱାଳ ପ୍ରସ୍ତାବ କରିଥିବା ବେଳେ ତ୍ରିନାଥ ସାହୁ ସମର୍ଥନ କରିଥିଲେ ।ଏଥିସହିତ ସଂଘର ଆଇନ ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରାଙ୍କୁ ଚୟନ କରାଯାଇଛି ।ଏହି ସର୍ବସମ୍ମତି ନିର୍ବାଚନରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକ ଏବଂ ସହନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଆଦିତ୍ୟ ପ୍ରସାଦ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ ।ନବନିର୍ବାଚିତ କର୍ମକର୍ତ୍ତାମାନେ ସାମ୍ବାଦିକମାନଙ୍କ ଏକତା, ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ଜିଲ୍ଲାର ବିଭିନ୍ନ ଜନସମସ୍ୟାକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ଦିଗରେ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ମତ ପ୍ରକାଶ କରିଥିଲେ ।ନିର୍ବାଚନ କାର୍ଯ୍ୟକ୍ରମରେ ପୂର୍ବତନ ଉପଦେଷ୍ଟା ଶିବାନନ୍ଦ ପଟ୍ଟନାୟକ, ତ୍ରିନାଥ ସାହୁ, ଅଜିତ ମହାରଣା, ପୂର୍ବତନ ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ସମ୍ପାଦକ ଶିବ ବିଶ୍ୱାଳ, ଅଶୋକ ପରିଡ଼ା, ସନ୍ତୋଷ ଦିଗାଲ, ବିମଳ ନାୟକ, ବ୍ରଜମୋହନ ନାୟକ, ପ୍ରଶାନ୍ତ ଜେନା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ସମେତ ସଂଘର ଅନ୍ୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

ପିପିଲି-ଦାଣ୍ଡମୁକୁନ୍ଦପୁର ରାସ୍ତା ମରଣଯନ୍ତା ପାଲଟିଛି

ପିପିଲି, ୧୩।୯ :(ମନ୍ଥନ) ପିପିଲି ପୂର୍ତ୍ତ ବିଭାଗ ଅଧୀନରେ ଥ?ିବା ପିପିଲି ଦାଣ୍ଡମୁକୁନ୍ଦପୁର ମୁଖ୍ୟ ରାସ୍ତା ଅବସ୍ଥା ଏବେ ଖାଲ ଖମାରେ ପରିପୂର୍ଣ୍ଣ ହୋଇ ବିପଦ ସାଜିଛି। ଏହି ଖାଲ ଖମା ରାସ୍ତା ପାଇଁ ଛୋଟ ବଡ଼ ଦୃଘଟଣା ମାନ ଘଟୁଛି। ଦାଣ୍ଡମୁକୁନ୍ଦପୁର ମହାନ୍ତି ସାହି ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଛୋଟ ବଡ଼ ଖାଲ ଖମା ପାଇଁ ଯାତାୟତରେ ପୁରା ଅସୁବିଧା ଭୋଗୁଛନ୍ତି । ପିପିଲି ରୁ ଦାଣ୍ଡମୁକୁନ୍ଦପୁର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ୨ବର୍ଷ ତଳେ ପିଚୁ ପକାଯାଇ କାମ କରାଯାଇଥିଲା। ଫଳରେ ଦାଣ୍ଡମୁକୁନ୍ଦପୁର ମହାନ୍ତି ସାହି ଛକରୁ ମନ୍ଦିରଛକ ମଧ୍ୟରେ ପ୍ରାୟ ଶହେ ମିଟର ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି । ଏହି ରାସ୍ତାରେ ଯାଉଥିବା ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ରୋଗୀ ଓ ସାଧାରଣ ଜନତା ଏଥିଯୋଗୁଁ ଯାତାୟତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଡି ମଟର ସହ ଦୈନିକ ଶହ ଶହ ଲୋକେ ଏହି ରାସ୍ତା ଉପରେ ଯାତାୟାତରେ ନିର୍ଭର କରନ୍ତି । ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ଯିବା ବେଳେ ଖାଲଖମା ଯୋଗୁଁ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥ?ିବା ସୂଚନା ମିଳିଛି । ବର୍ଷା ସମୟରେ ଏହି ରାସ୍ତା ଆହୁରୀ ବିପଦ ସାଜୁଛି। ଖାଲ ଖମା ରେ ପାଣି ପଶି ରାସ୍ତା ସହ ସମାନ ହୋଇଯିବାରୁ ଅଧିକାଂଶ ଦୃଘଟଣା ଘଟୁଛି। ମହାନ୍ତି ସାହି ପାଖରେ ରାସ୍ତା ଉପରେ ବଡ଼ ଖାଲ ହୋଇଥିବାରୁ କିଛି ଅଘଟଣ ନାଘଟିବା

ସୋମବାର ୧୪ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Monday September 14 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ବିଶ୍ୱ ମଞ୍ଚରେ ଭାରତର ନୂଆ ପଦଚିହ୍ନ

ବିଶ୍ୱ ରାଜନୀତିର ଦିଗ ବଦଳୁଛି, ଅର୍ଥନୀତିର କେନ୍ଦ୍ର ବଦଳୁଛି, ଶକ୍ତିର ସମୀକରଣ ବଦଳୁଛି ଏବଂ ଏହି ବଦଳୁଥିବା ପରିସ୍ଥିତିରେ ଭାରତର ଭୂମିକା ଆଜି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ପାଇଛି । ବ୍ରିକ୍ସ ସମ୍ମିଳନୀ ଏହି ପରିବର୍ତ୍ତନର ଏକ ବଡ଼ ପ୍ରତୀକ । ବ୍ରାଜିଲର ରିଓ ଦେ ଜାନେଇରୋରେ ୨୦୨୫ ମସିହାରେ ଅନୁଷ୍ଠିତ ସପ୍ତଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ବିଶ୍ୱ ଦକ୍ଷିଣର ସହଯୋଗ, ଅଧିକ ସମାବେଶୀ ବିଶ୍ୱ ଶାସନ, ଜଳବାୟୁ ପରିବର୍ତ୍ତନ, ଅର୍ଥନୈତିକ ସହଯୋଗ, ସ୍ୱାସ୍ଥ୍ୟ, କୃତ୍ରିମ ବୁଦ୍ଧିମତ୍ତା ଓ ବିଶ୍ୱ ଶାସନ ବ୍ୟବସ୍ଥାର ସଂସ୍କାର ଭଳି ଅନେକ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହି ସମ୍ମିଳନୀର ଘୋଷଣାପତ୍ରରେ ୧୨୬ଟି ପ୍ରତିବଦ୍ଧତା ସାମିଲ ହୋଇଥିଲା ଏବଂ ୨୦୨୬ରେ ଭାରତର ଅଧ୍ୟକ୍ଷତାକୁ ସମ୍ପୂର୍ଣ୍ଣ ସମର୍ଥନ ଦିଆଯାଇଥିଲା ।ଏହା କେବଳ ଏକ ଆନ୍ତର୍ଜାତିକ ସମ୍ମିଳନୀର ଘଟଣା ନୁହେଁ; ଏହା ଭାରତ ପାଇଁ ନିଜର ଚିନ୍ତାଧାରା, ନିଜର ପ୍ରାଥମିକତା ଓ ନିଜର ବିଶ୍ୱଦୃଷ୍ଟିକୁ ଆହୁରି ସ୍ପଷ୍ଟ କରିବାର ଏକ ଐତିହାସିକ ସୁଯୋଗ । ବ୍ରିକ୍ସ ଆଜି ଆଉ କେବଳ କିଛି ଉଦୀୟମାନ ଅର୍ଥନୀତିର ମଞ୍ଚ ନୁହେଁ; ଏହା ବିଶ୍ୱ ଦକ୍ଷିଣର ସ୍ୱରକୁ ଏକାଠି କରିବାର ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହୋଇଉଠୁଛି । ଏହି ପରିବର୍ତ୍ତନର ମଧ୍ୟରେ ଭାରତର ଦାୟିତ୍ୱ ମଧ୍ୟ ବଢ଼ିଛି । ଆମ ପାଇଁ ଏହା ଗର୍ବର ବିଷୟ ଯେ ଭାରତ ଏପରି ଏକ ମଞ୍ଚର ନେତୃତ୍ୱ ନେବାର ସୁଯୋଗ ପାଉଛି, କିନ୍ତୁ ଏହି ଗର୍ବ ସହିତ ଦାୟିତ୍ୱକୁ ମଧ୍ୟ ବୁଝିବା ଦରକାର । ବିଶ୍ୱ ରାଜନୀତିରେ ଭାରତର ଶକ୍ତି କେବଳ ତାହାର ବିଶାଳ ଜନସଂଖ୍ୟା, ବଢୁଥିବା ଅର୍ଥନୀତି କିମ୍ବା ସାମରିକ କ୍ଷମତାରେ ନୁହେଁ; ଭାରତର ପ୍ରକୃତ ଶକ୍ତି ହେଉଛି ତାହାର ଗଣତାନ୍ତ୍ରିକ ପରମ୍ପରା, ବହୁତ୍ୱବାଦୀ ସମାଜ, ଶାନ୍ତିର ପରମ୍ପରା, ବିକାଶଶୀଳ ଦେଶମାନଙ୍କ ସମସ୍ୟାକୁ ବୁଝିବାର କ୍ଷମତା ଏବଂ ସମସ୍ତଙ୍କ ସହିତ ସମ୍ପର୍କ ରଖିବାର କୂଟନୈତିକ ଦକ୍ଷତା । ବ୍ରିକ୍ସରେ ଭାରତକୁ ଏହି ସବୁ ଶକ୍ତିକୁ ଏକାଠି କରି ଏକ ନୂଆ ଦିଗ ଦେଖାଇବାକୁ ହେବ । ବିଶ୍ୱର ଅନେକ ଦେଶ ଆଜି ଯୁଦ୍ଧ, ଖାଦ୍ୟ ସଙ୍କଟ, ଶକ୍ତି ସଙ୍କଟ, ଋଣଭାର, ଜଳବାୟୁ ପରିବର୍ତ୍ତନ ଓ ଅସମାନତାର ଚାପରେ ରହିଛନ୍ତି । ଏପରି ସମୟରେ ବ୍ରିକ୍ସ ଯଦି କେବଳ ଘୋଷଣା କରି ଥମିଯାଏ, ତେବେ ତାହାର ଐତିହାସିକ ଗୁରୁତ୍ୱ କମିଯିବ । ଘୋଷଣାକୁ କାର୍ଯ୍ୟରେ ପରିଣତ କରିବା ହିଁ ଏବେ ସବୁଠାରୁ ବଡ଼ ପରୀକ୍ଷା । ବିଶେଷକରି ବିଶ୍ୱ ଅର୍ଥବ୍ୟବସ୍ଥାରେ ଅଧିକ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱର ପ୍ରଶ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବ୍ରିକ୍ସ ଘୋଷଣାପତ୍ରରେ ଆନ୍ତର୍ଜାତିକ ଅନୁଷ୍ଠାନଗୁଡ଼ିକରେ ଉନ୍ନତ ପ୍ରତିନିଧିତ୍ୱ ଓ ସଂସ୍କାରର ଆବଶ୍ୟକତା ଉପରେ ଜୋର ଦିଆଯାଇଛି । ଏହି ପ୍ରସଙ୍ଗରେ ଭାରତର ସ୍ୱର ଯେତେ ଦୃଢ଼ ହେବ, ବିଶ୍ୱ ଦକ୍ଷିଣର ସ୍ୱର ସେତେ ଶକ୍ତିଶାଳୀ ହେବ । କିନ୍ତୁ ଏଠାରେ ଏକ କଥା ସ୍ପଷ୍ଟ ହେବା ଦରକାର—ବ୍ରିକ୍ସ କୌଣସି ଦେଶ ବିରୋଧୀ ମଞ୍ଚ ହେବା ଉଚିତ ନୁହେଁ । ଭାରତର ବିଦେଶନୀତିର ମୂଳ ଶକ୍ତି ହେଉଛି ସନ୍ତୁଳନ । ଭାରତ ସମସ୍ତ ପ୍ରମୁଖ ଶକ୍ତି ସହିତ ସମ୍ପର୍କ ରଖି ନିଜର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ କରିଆସିଛି । ତେଣୁ ବ୍ରିକ୍ସ ମଧ୍ୟରେ ଭାରତର ଭୂମିକା ହେବା ଉଚିତ ସେତୁ ନିର୍ମାଣର, ଭିନ୍ନତା ବଢ଼ାଇବାର ନୁହେଁ । ବିଶ୍ୱ ଅର୍ଥନୀତିରେ ନୂଆ ଅବସର ସୃଷ୍ଟି, ପରସ୍ପର ବାଣିଜ୍ୟ ବୃଦ୍ଧି, ନୂଆ ପ୍ରଯୁକ୍ତିର ଆଦାନପ୍ରଦାନ, ଖାଦ୍ୟ ଓ ଶକ୍ତି ସୁରକ୍ଷା, ସ୍ୱାସ୍ଥ୍ୟ ସହଯୋଗ ଏବଂ ଯୁବପିଢ଼ି ପାଇଁ ନୂଆ ସୁଯୋଗ—ଏହି ସବୁ କ୍ଷେତ୍ରରେ ବ୍ରିକ୍ସକୁ ଫଳପ୍ରଦ କରିବା ଆବଶ୍ୟକ । ୨୦୨୫ର ଆଲୋଚନାରେ ଅର୍ଥ, ବାଣିଜ୍ୟ, ଖାଦ୍ୟ ସୁରକ୍ଷା ଓ ବିଶ୍ୱ ଅର୍ଥବ୍ୟବସ୍ଥାର ସଂସ୍କାର ଭଳି ବିଷୟ ମଧ୍ୟ ଗୁରୁତ୍ୱ ପାଇଥିଲା । ଭାରତ ପାଇଁ ଏହାର ଅର୍ଥ ହେଉଛି—ଆମର କୃଷକ, ଛୋଟ ବ୍ୟବସାୟୀ, ଶିଳ୍ପ, ଯୁବ ଉଦ୍‌ୟୋଗୀ ଓ ନୂଆ ପିଢ଼ିର ପ୍ରତିଭାମାନେ ଏହି ସହଯୋଗର ପ୍ରତ୍ୟକ୍ଷ ଲାଭ ପାଇବା ଦରକାର । ଆନ୍ତର୍ଜାତିକ ସମ୍ମିଳନୀର ସଫଳତା କେବଳ ନେତାମାନଙ୍କ ଆଲୋଚନା କିମ୍ବା ଘୋଷଣାରେ ମାପିହେବ ନାହିଁ; ତାହାର ପ୍ରକୃତ ମାପଦଣ୍ଡ ହେଉଛି ସାଧାରଣ ମଣିଷର ଜୀବନରେ ଆସୁଥିବା ପରିବର୍ତ୍ତନ । ଯଦି ବ୍ରିକ୍ସ ଦେଶମାନଙ୍କ ସହଯୋଗରେ ଭାରତୀୟ ଉତ୍ପାଦ ପାଇଁ ନୂଆ ବଜାର ଖୋଲେ, ଭାରତୀୟ ଯୁବକଙ୍କ ପାଇଁ ନୂଆ ଚାକିରି ଓ ଉଦ୍‌ୟୋଗ ସୁଯୋଗ ତିଆରି ହୁଏ, ଭାରତୀୟ କୃଷକଙ୍କ ଉତ୍ପାଦ ପାଇଁ ନୂଆ ଚାହିଦା ସୃଷ୍ଟି ହୁଏ ଏବଂ ନୂଆ ପ୍ରଯୁକ୍ତି ସହଜରେ ଉପଲବ୍ଧ ହୁଏ, ତେବେ ତାହାକୁ ହିଁ ସଫଳତା କୁହାଯିବ । ଆଜିର ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ଏକ ନିର୍ଣ୍ଣାୟକ ଶକ୍ତି ହୋଇଉଠିଛି । ବ୍ରିକ୍ସ ଆଲୋଚନାରେ ଏହି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ମିଳିଛି । ଭାରତ ପାଇଁ ଏଠାରେ ଅପାର ସୁଯୋଗ ରହିଛି । ଆମର ଯୁବ ପ୍ରତିଭା, ବିଜ୍ଞାନୀ, ପ୍ରଯୁକ୍ତିବିଦ୍ ଓ ଉଦ୍‌ୟୋଗୀମାନେ ବିଶ୍ୱ ସହିତ ମିଶି ନୂଆ ସମାଧାନ ତିଆରି କରିପାରିବେ । କିନ୍ତୁ ପ୍ରଯୁକ୍ତିର ବିକାଶ ସହିତ ନୀତି, ସୁରକ୍ଷା ଓ ମାନବିକ ମୂଲ୍ୟବୋଧକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ । ଜଳବାୟୁ ପରିବର୍ତ୍ତନର ପ୍ରଶ୍ନ ମଧ୍ୟ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱର । ଜଳବାୟୁ ସଙ୍କଟର ଭାର ଗରିବ ଓ ବିକାଶଶୀଳ ଦେଶମାନେ ଅଧିକ ବହନ କରୁଛନ୍ତି । ତେଣୁ ଜଳବାୟୁ ନ୍ୟାୟର ପ୍ରଶ୍ନକୁ ବିଶ୍ୱ ମଞ୍ଚରେ ଦୃଢ଼ତାର ସହ ଉଠାଇବା ଭାରତର ଦାୟିତ୍ୱ । ଏହି ଦାୟିତ୍ୱ କେବଳ କୂଟନୈତିକ ଭାଷଣରେ ସୀମିତ ରହିଲେ ଚଳିବ ନାହିଁ; ଦେଶ ଭିତରେ ମଧ୍ୟ ସ୍ୱଚ୍ଛ ଶକ୍ତି, ଜଳ ସୁରକ୍ଷା, ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶରେ ଆମକୁ ଆହୁରି ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ । ଭାରତର ବ୍ରିକ୍ସ ନେତୃତ୍ୱର ଆଉ ଏକ ବଡ଼ ପରୀକ୍ଷା ହେବ ଭିନ୍ନ ଦେଶର ଭିନ୍ନ ହିତକୁ ଏକାଠି କରିବା । ସମସ୍ତ ସଦସ୍ୟ ଦେଶର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ସମାନ ନୁହେଁ । ମତଭେଦ ରହିବ, ହିତରେ ପାର୍ଥକ୍ୟ ରହିବ, କିନ୍ତୁ ସହଯୋଗର ସମ୍ଭାବନାକୁ ମତଭେଦର ଛାୟାରେ ହରାଇବା ଉଚିତ ନୁହେଁ । ଭାରତର କୂଟନୈତିକ ପରମ୍ପରା ଏଠାରେ ଉପଯୋଗୀ ହୋଇପାରେ । ଆଲୋଚନା, ସମ୍ମାନ, ସମାନତା ଓ ସହମତିର ଆଧାରରେ ଆଗକୁ ବଢ଼ିବା ହିଁ ଭାରତର ଶ୍ରେଷ୍ଠ ପଥ । ବ୍ରିକ୍ସକୁ ଯଦି ବିଶ୍ୱ ଦକ୍ଷିଣର ଆଶାର ମଞ୍ଚ କରିବାକୁ ହୁଏ, ତେବେ ତାହାକୁ ଗରିବ ଦେଶମାନଙ୍କ ସ୍ୱର ଶୁଣିବାକୁ ହେବ । ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି, ଚାକିରି ଓ ପ୍ରଯୁକ୍ତି—ଏହି ସବୁ ହେଉଛି ସାଧାରଣ ଲୋକଙ୍କ ପ୍ରକୃତ ଚିନ୍ତା । ବଡ଼ ରାଷ୍ଟ୍ରମାନଙ୍କ ଶକ୍ତି ପ୍ରଦର୍ଶନ ଠାରୁ ବଡ଼ କଥା ହେଉଛି ଛୋଟ ଓ ବିକାଶଶୀଳ ଦେଶମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା । ଏହି ଦୃଷ୍ଟିରୁ ଭାରତର ଅଧ୍ୟକ୍ଷତା ଏକ ସୁଯୋଗ ମଧ୍ୟ, ଏକ ପରୀକ୍ଷା ମଧ୍ୟ । ସୁଯୋଗ—କାରଣ ଭାରତ ନିଜର ଦୃଷ୍ଟିକୋଣକୁ ବିଶ୍ୱ ମଞ୍ଚରେ ଆଗକୁ ନେଇପାରିବ; ପରୀକ୍ଷା—କାରଣ କଥାକୁ କାର୍ଯ୍ୟରେ ପରିଣତ କରିବାର ଦାୟିତ୍ୱ ଏବେ ଅଧିକ । ଆମେ ଆଶା କରିବା ଉଚିତ ଯେ ଭାରତ ବ୍ରିକ୍ସକୁ କେବଳ ଶକ୍ତିର ମଞ୍ଚ ନୁହେଁ, ବରଂ ସହଯୋଗର ମଞ୍ଚରେ ପରିଣତ କରିବ । ଏପରି ଏକ ମଞ୍ଚ, ଯେଉଁଠାରେ ଉନ୍ନତିର ଅଧିକାର, ଶାନ୍ତିର ଆବଶ୍ୟକତା, ପରିବେଶର ସୁରକ୍ଷା ଓ ସମାନ ସୁଯୋଗର ଦାବିକୁ ଗୁରୁତ୍ୱ ମିଳିବ । ଭାରତର ସ୍ୱାର୍ଥ ଓ ବିଶ୍ୱ ଦକ୍ଷିଣର ସ୍ୱାର୍ଥ ଅନେକ କ୍ଷେତ୍ରରେ ପରସ୍ପର ସଂପୃକ୍ତ । ତେଣୁ ଭାରତ ଯଦି ନିଜର ବିକାଶ ଅନୁଭବ, ପ୍ରଯୁକ୍ତି କ୍ଷମତା, ଗଣତାନ୍ତ୍ରିକ ଅଭିଜ୍ଞତା ଓ କୂଟନୈତିକ ଦକ୍ଷତାକୁ ବିଶ୍ୱ ଦକ୍ଷିଣର ସାମୂହିକ ଉନ୍ନତି ସହିତ ଯୋଡ଼ିପାରେ, ତେବେ ବ୍ରିକ୍ସରେ ଭାରତର ନେତୃତ୍ୱ ଏକ ନୂଆ ଅଧ୍ୟାୟ ଲେଖିପାରିବ । ଆଜି ବିଶ୍ୱ ଭାରତକୁ କେବଳ ଏକ ବଡ଼ ଦେଶ ଭାବେ ଦେଖୁନାହିଁ; ଭାରତକୁ ଏକ ଦାୟିତ୍ୱଶୀଳ ଶକ୍ତି ଭାବେ ଦେଖୁଛି । ଏହି ବିଶ୍ୱାସକୁ ଅଟୁଟ ରଖିବା ଆମର ଦାୟିତ୍ୱ । ବ୍ରିକ୍ସ ସମ୍ମିଳନୀର ଆଲୋକରେ ଭାରତ ପାଇଁ ସବୁଠାରୁ ବଡ଼ ବାର୍ତ୍ତା ହେଉଛି—ବିଶ୍ୱ ନେତୃତ୍ୱ କେବଳ ଶକ୍ତିରେ ମିଳେ ନାହିଁ, ବିଶ୍ୱାସରେ ମିଳେ; କେବଳ ଭାଷଣରେ ମିଳେ ନାହିଁ, କାର୍ଯ୍ୟରେ ମିଳେ । ଆଜି ଭାରତ ପାଖରେ ସେହି ବିଶ୍ୱାସ ଅର୍ଜନ କରିବାର ସୁଯୋଗ ଅଛି । ଆମକୁ ଏମିତି ଏକ ବ୍ରିକ୍ସ ଗଢ଼ିବାକୁ ହେବ, ଯାହା ବିଭାଜନର ନୁହେଁ, ସଂଯୋଗର ପ୍ରତୀକ ହେବ; ପ୍ରତିସ୍ପର୍ଦ୍ଧାର ନୁହେଁ, ସହଯୋଗର ପ୍ରତୀକ ହେବ; କେବଳ ବଡ଼ ଦେଶର ଆକାଂକ୍ଷାର ନୁହେଁ, ସାଧାରଣ ମଣିଷର ଆଶାର ପ୍ରତିନିଧି ହେବ । ଏହି ହେଉ ଭାରତର ଲକ୍ଷ୍ୟ, ଏହି ହେଉ ଭାରତର ବାର୍ତ୍ତା ଏବଂ ଏହି ହେଉ ଆସନ୍ତା ବିଶ୍ୱ ବ୍ୟବସ୍ଥାରେ ଭାରତର ଗୌରବମୟ ପଦଚିହ୍ନ ।

ବିଘ୍ନନାଶନ

ଅନୀତା ପଟ୍ଟନାୟକ

ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ
ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା'

ପିଲାମାନେ ଚାହିଁଲେ ଗଣେଶ ପୂଜା ଉପଲକ୍ଷେ ମୁଁ ସେମାନଙ୍କୁ କିଛି କୁହେ । ମୁଁ ସେମାନଙ୍କୁ କହିଲି ମୁଁ କହିବା ଅପେକ୍ଷା ତୁମେମାନେ କୁହ । ଗୌରୀ କହିଲା ଗଣେଶଙ୍କର ହାତୀ ମୁଣ୍ଡ ଓ ବକ୍ରତୁଣ୍ଡ ବୁଝାଉଛି ଯେ ପଶୁତ୍ୱ + ମାନବତ୍ୱ ହେଉଛି ଏହି ମଣିଷ । ନନ୍ଦିନୀ କହିଲା ଗଣେଷ ହାତୀର ମୁଣ୍ଡ ଧାରଣ କରିଛନ୍ତି କାରଣ ହାତୀ ବୁଦ୍ଧିମାନ, ସାହାସୀ, ବଳଶାଳୀ, ପଥପ୍ରଦର୍ଶକ, ଯୋଦ୍ଧା ରାଜକୀୟ ଓ ଦଳବଦ୍ଧତାର ପ୍ରତୀକ । ତେଣୁ ମଣିଷ ଜ୍ଞାନ ହେଉଛି ପଶୁତ୍ୱ । ମନୁଷ୍ୟ + ଜ୍ଞାନ = ଗଣେଶ ।

ଦେବୀ କହିଲା ଗଣେଶ ଚତୁର୍ଥୀରେ ଗଣେଶଙ୍କର କେତେକ ନାମକୁ ମନନ କରିବା ଉଚିତ । ଯଥା ଗଣେଶ, ଅଗ୍ରପୂଜ୍ୟ, ସୂପକର୍ଣ୍ଣ, ଗଜାନନ, ଲମ୍ବୋଦର, ଶିବନନ୍ଦନ, ପାର୍ବତୀ ନନ୍ଦନ, ଗୌରୀ ନନ୍ଦନ, ମୂଷିକ ବାହନ, ହେରମ୍ବ ଓ ବକ୍ରତୁଣ୍ଡ । ଗଣେଶ ପୂଜା ଦିନ ଗଣେଶ ସୂଚନା ଦିଅନ୍ତି ଯେ ଆମେ ଗୋଟିଏ ସୂର୍ଯ୍ୟଙ୍କୁ ଖୋଲା ଆଖିରେ ଚାହିଁ ପାରିବା ନାହିଁ । ଆଖି ଆପେ ଆପେ ବୁଜି ହୋଇଯିବ । ସେ କୋଟିଏ ସୂର୍ଯ୍ୟର ସମାହାର ଓ ବିରାଟକାୟ । ତାଙ୍କୁ ଦେଖିବା କିପରି ? ଆଖି ବନ୍ଦ କରି ଅନ୍ତର ମଧ୍ୟରେ ଦିବ୍ୟଚକ୍ଷୁ ମାଧ୍ୟମରେ ଗଣେଶଙ୍କର ଦର୍ଶନ କରିହୁଏ ।ଉର୍ବୀ କହିଲା ଭଗବାନ ଗଣେଶ ଯେଉଁ ପକ୍ଷପାତିତା କରିଛନ୍ତି ତାହା ମତେ ଭଲ ଲାଗୁନାହିଁ । ଆମକୁ ବିଜ୍ଞାନ ସାର କହୁଥିଲେ । ଖଣିଜ ପଦାର୍ଥରୁ ବୃକ୍ଷଲତା, ଗୁଳ୍ମର ସୃଷ୍ଟି ଓ ସେମାନଙ୍କ ଠାରୁ ପଶୁ ପକ୍ଷୀ ସୃଷ୍ଟି । ଏହାକୁ ଡାରୱିନଙ୍କ ବିବର୍ତ୍ତନବାଦ କୁହାଯାଏ । ମଞ୍ଜିଟିଏ ପୋତିଲେ ସେ ଜଳ, ପବନ, ମାଟିର ସଂସ୍ପର୍ଶରେ ଆସି ଆପେ ଆପେ ବୃକ୍ଷରେ ପରିଣତ ହୁଏ । ବୃକ୍ଷରେ ଆପେ ଆପେ ଫୁଲଫଳ ହୁଏ । ଫଳରେ ମଞ୍ଜି ସୃଷ୍ଟି ହୁଏ । ମଞ୍ଜି ସବୁ ମାଟିରେ ପଡ଼ି ପୁଣି ବୃକ୍ଷରେ ପରିଣତ ହୁଏ । ମଞ୍ଜିକୁ ବୃକ୍ଷରେ ପରିଣତ ହେବା ପାଇଁ ତାର ଚାହିଁବା ବା ନ ଚାହିଁବା ସ୍ୱାଧୀନତା ଦିଆଯାଇ ନାହିଁ । ପଶୁ ମାନଙ୍କୁ ସେହିପରି ବଢ଼ିବାର ସ୍ୱାଧୀନତା

ଦିଆଯାଇଛି । ସେମାନେ ଚାହାଁନ୍ତୁ ବା ନ ଚାହାଁନ୍ତୁ କିନ୍ତୁ ମନୁଷ୍ୟକୁ ଏପରି ସ୍ୱାଧୀନତା ଦିଆଯାଇନାହିଁ । ସେ ମାନବରୁ ମାଧବ ହେବା ପାଇଁ ହେଲେ ତାକୁ ଚେଷ୍ଟା କରିବାକୁ ହୁଏ । ସାହାସୀ, ଯୋଦ୍ଧା ହେବାକୁ ହୁଏ । ବୁଦ୍ଧିମାନ ହେବାକୁ ହୁଏ । ଗଣେଶ ପଥପ୍ରଦର୍ଶକ ସାଜନ୍ତି ବଳବଦ୍ଧତାର ପାଠ ପଢ଼ାନ୍ତି । ଏକତ୍ୱ ହିଁ ଦୈବତ୍ୱ ଏହା ଶିକ୍ଷା ଦିଅନ୍ତି । ଜାନକୀ କହିଲା ପ୍ରକୃତରେ ଗଣେଶ ପୂଜା ଧାରାବାହିକ ହେବା ଉଚିତ ନୁହେଁ । ଆମେ ଧରି ନେବା ଉଚିତ ନୁହେଁ ଯେନତେନ ପ୍ରକାରେଣ ଚାନ୍ଦା ଆଦାୟ କରି ମଉଜ ମଜଲିସକରି, ଡିଜେ ବଜାଇ ବିଶୃଙ୍ଖଳ ଆଚରଣ କରି ଗଣେଶଙ୍କୁ ବିସର୍ଜନ କରିଦେଲେ ଗଣେଶ ପୂଜାର ଶେଷ ହୋଇଯାଏ ନାହିଁ । ଆମ ମାନଙ୍କୁ ଚେଷ୍ଟା କରିବାକୁ ହେବ ଅଧ୍ୟବସାୟ କରିବାକୁ ହେବ । ମାନବତ୍ୱରୁ ମାଧବତ୍ୱରେ ପହଞ୍ଚାଇବାକୁ ହେଲେ ସେଥିପାଇଁ ଚେଷ୍ଟା କରିବାକୁ ହେବ କାରଣ ଆମେ ମଞ୍ଜି ନୁହେଁ ବା ପଶୁ ନୁହେଁ । ବାଧ ହୋଇ ମତେ ସମୀକ୍ଷକ ହେବାକୁ ପଡ଼ିଲା ଉର୍ବୀ ଉଠାଇଥିବା ପକ୍ଷପାତିତା ବିଷୟରେ ମତେ ବୁଝାଇବାକୁ ପଡ଼ିଥିଲା । ମୁଁ କହିଲି ଗଣେଶ ଭଗବାନ କୌଣସି ପକ୍ଷପାତିତା କରିନାହାଁନ୍ତି ମଣିଷକୁ ଭଗବାନ ଇଚ୍ଛାଶକ୍ତି ଦେଇଛନ୍ତି ମାନବରୁ ମାଧବରେ ପରିଣତ ହେବ ପାଇଁ । ସେ ଆମ ମଧ୍ୟରେ ବିଦ୍ୟମାନ ରହି ଏପରି ଶକ୍ତିକୁ ପରିଚାଳନା କରିଛନ୍ତି । ଏପରି ଆପେ ଆପେ ହୁଏନା କି ସମୟକ୍ରମେ ହୋଇନଥାଏ ଏଥିପାଇଁ ଦରକାର ହୁଏ ବୁଦ୍ଧି, ସାହାସୀକତା, ଏକତ୍ୱ ଭାବ ଇତ୍ୟାଦି ଇତ୍ୟାଦି । ଜୀବନର ଶେଷ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଯୁଦ୍ଧ କରିବାକୁ ହେବ ଓ ମହାକାୟ ଗଣେଶଙ୍କର ପାଦପଦ୍ମରେ ଲୀନ ହେବାର ଖେଳ ଶେଷ କରିବାକୁ ହେବ ।ଆମେ ତାଙ୍କୁ ପ୍ରାର୍ଥନା କଲେ ଆମର ଆଧ୍ୟାତ୍ମିକ ପଥରେ ଆସୁଥିବା ବିଘ୍ନ ଦୂର ହେବ ।

ଅବସର ପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

ଶ୍ରୀମନ୍ଦିରରେ ଗଣେଶ ଉପାସନା

ବିକ୍ରମ ମହାପାତ୍ର

ଉତ୍କଳୀୟ ପରମ୍ପରାରେ ଗଣପତି ଉପାସନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉତ୍କଳୀୟ ମାନଙ୍କର ପରମାରାଧ୍ୟ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ସମେତ ପଞ୍ଚଦେବତାଙ୍କ ଉପାସନା କାହିଁ କେଉଁ କାଳରୁ ଅନସୃତ ହୋଇ ଆସୁଛି । କୁହାଯାଏ, ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ପରେ ଓ ପ୍ରତିଷ୍ଠା ପୂର୍ବରୁ କଳ୍ପବଟ ତଳେ ଥିବା ଗଣେଶ ପ୍ରତିଷ୍ଠା ହୋଇଥିଲେ । ରୀତି ଅନୁଯାୟୀ ପ୍ରଥମେ ତାଙ୍କର ପୂଜା କରାଯାଇଥିଲା ।

ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ : ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗଣାପତ୍ୟ ସମ୍ପ୍ରଦାୟର ଗଣପତି ଭଟ୍ଟ ନାମରେ ଜନୈକ ସାଧୁ ଶ୍ରୀକ୍ଷେତ୍ର ଆସିଥିଲେ । ସେ ପୁରାଣ ଶାସ୍ତ୍ରରୁ ଶ୍ରୀଜଗନ୍ନାଥଙ୍କୁ ପରମବ୍ରହ୍ମ ବୋଲି ଜାଣି ତାଙ୍କ ଠାରେ ନିଜର ଇଷ୍ଟ ଗଣପତିଙ୍କୁ ଦର୍ଶନ କରିବା ଲାଳସାରେ ଧାଇଁ ଆସିଥିଲେ ଏଠାକୁ । ସେ ମନେ ମନେ ସ୍ଥିର କରିଥିଲେ ଯେ ଯଦି ନୀଳାଚଳନାୟକ ପ୍ରକୃତରେ ପରଂବ୍ରହ୍ମ, ତେବେ ସେ ମୋତେ ମୋର ଇଷ୍ଟ ଗଣପତି ରୂପରେ ନିଶ୍ଚିୟ ଦର୍ଶନ ଦେବେ । ତାଙ୍କ ଆଗମନ ସମୟକୁ ମହାପ୍ରଭୁ ସ୍ନାନ ମଣ୍ଡପରେ ବିଜେ କରି ଅଛନ୍ତି । ସେତାଙ୍କର କିମ୍ଭୂତ କିମାକାର ରୂପ ଦେଖି ହେଲେ ଚକିତ । ତାଙ୍କ ଇଷ୍ଟଙ୍କୁ ଦର୍ଶନ ପାଇ ସେ ନିରାଶରେ ଫେରିଗଲେ ।

ମୁକ୍ତେଶ୍ୱରଙ୍କର ପାଖରେ ପହଞ୍ଚି ସେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ । ଦେଖିଲେ ଶ୍ରୀବଳଭଦ୍ର ହରିଦ୍ରା ଗଣେଶ ରୂପରେ, ଶ୍ରୀଜଗନ୍ନାଥ ଖାଦିର ଗଣେଶ ରୂପେ ଓ ମା'ସୁଭଦ୍ରା ମାତଙ୍ଗୀ ରୂପରେ ସ୍ନାନ ମଣ୍ଡପରେ ବିଜେ କରିଅଛନ୍ତି । ଏହା ଦେଖି ଗଣପତି ଭଟ୍ଟଙ୍କର ମୋହ ତୁଟିଗଲା । ସେ ଅନୁଭବ କଲେ ମହାପ୍ରଭୁ ପରଂବ୍ରହ୍ମ ଅଟନ୍ତି । ସେ ହେଉଛନ୍ତି ଗଣେଶ, ଶିବ, ଶିବା ଓ ସୂର୍ଯ୍ୟ । ସେ ନିଜେ ଭଗବତ ଗୀତାରେ କହିଛନ୍ତି, 'ମୋତେ ଯିଏ ଯେ

ୟୁରୋପକୁ ପୁଟିନଙ୍କ ଚେତାବନୀ

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ଭାରତ ମାଟିରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁରୋପୀୟ ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି । ଅପରପକ୍ଷରେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପୁଟିନଙ୍କୁ ଭେଟିବା ପାଇଁ ନିଜର ଇଚ୍ଛା ପ୍ରକାଶ କରିଛନ୍ତି । ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଗସ୍ତରେ ଥିବା ପୁଟିନ୍ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଯଦି ୟୁରୋପୀୟ ଦେଶଗୁଡ଼ିକ ୟକ୍ରେନ ଭୂଖଣ୍ଡକୁ ନିଜର ସୈନ୍ୟ ପଠାନ୍ତି, ତେବେ ଏହାର ସିଧାସଳଖ ଅର୍ଥ ହେବ 'ରୁଷିଆ ସହିତ ପ୍ରତ୍ୟକ୍ଷ ଯୁଦ୍ଧ' ।ପୁଟିନ୍ ସ୍ପଷ୍ଟ କରିଛନ୍ତି ଯେ, ରୁଷିଆ କୌଣସି ୟୁରୋପୀୟ ଦେଶ ପାଇଁ ବିପଦ ସୃଷ୍ଟି କରୁନାହିଁ କିମ୍ବା କରିବାର କୌଣସି ଯୋଜନା ନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ସୋଭିଏତ୍ ୟୁନିୟନର ବିଭାଜନ ପରେ ଉତ୍ପନ୍ନ ସମସ୍ତ ବିବାଦ ଅନ୍ତର୍ଜାତୀୟ ନିୟମ ଅନୁସାରେ ସମାଧାନ ହୋଇସାରିଛି । କିନ୍ତୁ ସେମାନେ ୟୁକ୍ରେନକୁ ସୈନ୍ୟ ସହାୟତା ଦେବାର ଅର୍ଥ, ରୁଷ ସହ ସିଧାସଳଖ ଯୁଦ୍ଧ । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ସମୟରେ, ଭାରତ ପୁନର୍ବାର ସ୍ପଷ୍ଟ କରିଛି ଯେ, କୌଣସି ସଂଘର୍ଷର ସମାଧାନ କେବଳ 'ଆଲୋଚନା ଏବଂ କୂଟନୀତି'ମାଧ୍ୟମରେ ହିଁ ସମ୍ଭବ । ଯୁଦ୍ଧର ସମାଧାନ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।ସେପଟେ DWକୁ ଦେଇଥିବା ଏକ ସାକ୍ଷାତକାରରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ଯେ, ଯଦି ଉଭୟ ନେତାଙ୍କୁ ଆମନ୍ତ୍ରଣ କରାଯାଏ, ତେବେ ସେ ମିୟାମିଠାରେ ଆୟୋଜିତ ହେବାକୁ ଥିବା ଏ୨୦ ସମ୍ମିଳନୀରେ ପୁଟିନଙ୍କୁ ଭେଟିବାକୁ ପ୍ରସ୍ତୁତ ଅଛନ୍ତି । ଜେଲେନସ୍କି କହିଛନ୍ତି, 'ଆମକୁ ଭେଟିବାକୁ ପଡ଼ିବ, କଥା ହେବାକୁ ପଡ଼ିବ ଏବଂ ନିଷ୍ପତ୍ତି ନେବାକୁ ପଡ଼ିବ । କିଏ କ'ଣ କହିଲା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, କେବଳ ସକାରାତ୍ମକ ଫଳାଫଳ ହିଁ ଗୁରୁତ୍ୱପୂର୍ଣ୍ଣ ।'ଗୋଟିଏ ପଟେ ଭାରତ ମାଟିରୁ ରୁଷିଆ ୟୁରୋପୀୟ ଦେଶଗୁଡ଼ିକୁ ୟୁକ୍ରେନ ସମସ୍ୟାରୁ ଦୂରେଇ ରହିବାକୁ ଚେତାବନୀ ଦେଇଥିବା ବେଳେ, ଅନ୍ୟପଟେ ଭାରତର ଆଲୋଚନା ଆଭିମୁଖ୍ୟ ମଧ୍ୟରେ ଜେଲେନସ୍କି ଶାନ୍ତି ବାର୍ତ୍ତା ପାଇଁ ପୁଟିନ୍‌ଙ୍କ ସହ ଆଲୋଚନା କରିବାକୁ ରାଜି ହୋଇଛନ୍ତି । ତେବେ ୟୁକ୍ରେନ ଯୁଦ୍ଧ ଖୁବଶୀଘ୍ର ସମାଧାନ ହୋଇପାରେ ବୋଲି ଆଶା ପ୍ରକାଶ ପାଇଛି ।

ହୋଟେଲରୁ ଏୟାର୍ ଇଣ୍ଡିଆ ପାଇଲଟଙ୍କ ମୃତଦେହ ଉଦ୍ଧାର

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ରାଜଧାନୀ ଦିଲ୍ଲୀର ଏକ ଅଭିଜାତ ହୋଟେଲରୁ ଏୟାର୍ ଇଣ୍ଡିଆର ଜଣେ ବରିଷ୍ଠ କୋକପିଟ୍ କ୍ରୁ (ପାଇଲଟ୍)ଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ପାଇଲଟଙ୍କ ବୟସ ୪୦ରୁ ୫୦ ବର୍ଷ ମଧ୍ୟରେ ହୋଇଥିବା ବେଳେ ସେ ମୁମ୍ବାଇର ବାସିନ୍ଦା ଥିଲେ । ଉଡ଼ାଣ ମଧ୍ୟବର୍ତ୍ତୀକାଳୀନ ରହଣି ପାଇଁ ସେ ଦିଲ୍ଲୀ ଆସି ହୋଟେଲରେ ରହିଥିଲେ ।ମିଳିଥିବା ସୂଚନାନୁସାରେ, ଦିଲ୍ଲୀ ବସନ୍ତ କୁଞ୍ଜସ୍ଥିତ 'ଦି ଗ୍ରାଣ୍ଡ୍' ହୋଟେଲରେ ରହୁଥିବା ସମୟରେ ଗତକାଲି ସନ୍ଧ୍ୟାରେ ତାଙ୍କୁ ନିଜ କୋଠରୀରେ ଅଚେତ ଅବସ୍ଥାରେ ଦେଖିବାକୁ ମିଳିଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସମ୍ପୃକ୍ତ ପାଇଲଟ୍ ଜଣକ ପୂର୍ବରୁ ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍‌ରେ କାର୍ଯ୍ୟ କରୁଥିଲେ ଏବଂ ମାତ୍ର କିଛି ମାସ ପର୍ବେ ଏୟାର୍ ଇଣ୍ଡିଆକୁ ସ୍ଥାନାନ୍ତର ହୋଇଥିଲେ । ଆଜି ଭୋରରୁ ତାଙ୍କର ଏକ ବିମାନ ଉଡ଼ାଣ ପରିଚାଳନା କରିବାର କାର୍ଯ୍ୟସୂଚୀ ନିର୍ଦ୍ଧାରିତ ଥିଲା ।ଏହି ଆକସ୍ମିକ ବିୟୋଗରେ ଏୟାର୍ ଇଣ୍ଡିଆ କର୍ତ୍ତୃପକ୍ଷ ଗଭୀର ଶୋକ ପ୍ରକାଶ କରିଛନ୍ତି । କମ୍ପାନି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଶୋକସନ୍ତପ୍ତ ପରିବାର ପ୍ରତି ସମ୍ପୂର୍ଣ୍ଣ ସମବେଦନା ରହିଛି ଏବଂ ଏହି କଠିନ ସମୟରେ ପରିବାରବର୍ଗଙ୍କ ସହ ନିରନ୍ତର ଯୋଗାଯୋଗ ରଖାଯାଇ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।

ବ୍ରିକ୍ସ ଘୋଷଣାପତ୍ରରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ଦିଲ୍ଲୀର ଭାରତ ମଣ୍ଡପମରେ ଚାଲିଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଜାରି କରାଯାଇଥିବା ନୂଆଦିଲ୍ଲୀ ଘୋଷଣାପତ୍ରରେ ବ୍ରିକ୍ସର ସଦସ୍ୟମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି । ଆତଙ୍କବାଦୀଙ୍କ ସୀମାପାର ଗତିବିଧି, ଆତଙ୍କୀ ପାଣ୍ଠି ଓ ନିରାପଦ ଆଶ୍ରୟସ୍ଥଳ ସମେତ ସମସ୍ତ ପ୍ରକାରର ଆତଙ୍କବାଦ ବିରୋଧରେ ଲଢ଼ିବା ପାଇ ବ୍ରିକ୍ସ ଦେଶର ନେତାମାନେ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ । ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପାଇଁ ଦେଶଗୁଡିକ ଆହ୍ୱାନ ଦେଇଥିଲେ, ଆତଙ୍କବାଦ ବିରୋଧୀ ପ୍ରୟାସରେ ଦ୍ୱୈତ ମାନଦଣ୍ଡକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ କହିଥିଲେ ଯେ, ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଦାୟୀ କରାଯିବା ଉଚିତ । ପଶ୍ଚିମ ଏସିଆରେ ଉତ୍ତେଜନା ଏବଂ ଇରାନ ଓ ୟୁଏଇର ଅନେକ ପ୍ରସଙ୍ଗରେ ଭିନ୍ନ ଭିନ୍ନ ମତ ରହିଥିବା ସମୟରେ ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ଏକ ମିଳିତ ବିବୃତି ଜାରି କରିବା ପାଇଁ ଚୁକ୍ତି ହୋଇଛି ।ନୂଆଦିଲ୍ଲୀରେ ଜାରି ହୋଇଥିବା ବ୍ରିକ୍ସ ନେତାମାନଙ୍କର ମିଳିତ ଘୋଷଣାପତ୍ରରେ ଏପ୍ରିଲ ୨୦୨୫ ରେ ଜମ୍ମୁ - କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରାଯାଇଛି । ଘୋଷଣାପତ୍ରରେ କୁହାଯାଇଛି ଯେ, ଆମେ ୨୨ଏପ୍ରିଲ ୨୦୨୫ ରେ ଜମ୍ମୁ-କାଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କଡ଼ା ଶବ୍ଦରେ ନିନ୍ଦା କରୁଛୁ, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ ଓ ଅନେକ ଆହତ ହୋଇଥିଲେ । ଲଗାତାର ଦ୍ୱିତୀୟ ବର୍ଷ ପାଇଁ ବ୍ରିକ୍ସ ଦେଶ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି । ସଦସ୍ୟ ଦେଶମାନଙ୍କ ମଧ୍ୟରେ ନିରନ୍ତର ଆଲୋଚନା ଓ ସହମତି ଗଠନ ମାଧ୍ୟମରେ ଏହି ମତଭେଦଗୁଡ଼ିକୁ ସମାଧାନ କରିବାରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ୟୁକେ ରୟାଲ୍ ଏୟାରଫୋର୍ସ ପାଇଲଟଙ୍କୁ ତାଲିମ ଦେବେ ଭାରତୀୟ ବାୟୁସେନା ପ୍ରଶିକ୍ଷକ

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ଭାରତ ଓ ଯୁକ୍ତରାଜ୍ୟ ମଧ୍ୟରେ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପିତ ହୋଇଛି । ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନାର ୩ ଜଣ ଯୋଗ୍ୟତାପ୍ରାପ୍ତ ଉଡ଼ାଣ ପ୍ରଶିକ୍ଷକ ୱେଲ୍ସସ୍ଥିତ ୟୁକେ ରୟାଲ୍ ଏୟାରଫୋର୍ସ ଭ୍ୟାଲିରେ ନିୟୋଜିତ ହୋଇଛନ୍ତି, ଯେଉଁମାନେ ବ୍ରିଟେନର ରୟାଲ୍ ଏୟାରଫୋର୍ସ ପାଇଲଟମାନଙ୍କୁ ତାଲିମ ପ୍ରଦାନ କରିବେ ।ଭାରତୀୟ ବାୟୁସେନା ପକ୍ଷରୁ ସୋସିଆଲ ମିଡିଆ ମଞ୍ଚ 'ଏକ୍ସ'ରେ ଏହି ସୂଚନା ଦିଆଯିବା ସହ ଏହାକୁ ଦୁଇ ଦେଶର ପ୍ରତିରକ୍ଷା ସମ୍ପର୍କ, ସାମରିକ ଦକ୍ଷତା ଏବଂ ଆନ୍ତଃ-ପରିଚାଳନାଗତ ସହଯୋଗ ବୃଦ୍ଧି କ୍ଷେତ୍ରରେ ଏକ 'ଐତିହାସିକ ପ୍ରଥମ ପଦକ୍ଷେପ' ବୋଲି ବର୍ଣ୍ଣନା କରାଯାଇଛି । ସୂଚନାଯୋଗ୍ୟ ଯେ, ଆରଏଏଫ୍ ଭ୍ୟାଲି ହେଉଛି ବ୍ରିଟେନ୍ ବାୟୁସେନାର ଏକ ପ୍ରମୁଖ ତାଲିମ କେନ୍ଦ୍ର ।ଗତବର୍ଷ ଅକ୍ଟୋବରରେ ବ୍ରିଟେନ ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମରଙ୍କ ଭାରତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ହୋଇଥିବା ଦ୍ୱିପାକ୍ଷିକ ବୈଠକରେ ଏହି ସହଯୋଗ ନେଇ ସମ୍ମତି ପ୍ରକାଶ ପାଇଥିଲା । ଏହି ଆଲୋଚନାରେ ଦୁଇ ଦେଶର ସଶସ୍ତ୍ର ବାହିନୀ ମଧ୍ୟରେ ଯୁଗ୍ମ ସାମରିକ ଅଭ୍ୟାସ, ତାଲିମ ଏବଂ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହାବ୍ୟତୀତ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (NSA) ଅଜିତ ଡୋଭାଲ ଏବଂ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ ୟୁକେ ଜାତୀୟ ସୁରକ୍ଷା ପରାମର୍ଶଦାତା ଜୋନାଥନ ପାଓ୍ୱେଲଙ୍କ ସହ ଦ୍ୱିପାକ୍ଷିକ ସୁରକ୍ଷା ନେଇ ଆଲୋଚନା କରିସାରିଛନ୍ତି । ଏହି ପଦକ୍ଷେପ ଇଣ୍ଡୋ-ପ୍ୟାସିଫିକ୍ କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା ଓ ସାମରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ।

ଉତ୍ତର ପ୍ରଦେଶ ସରକାରଙ୍କୁ ଆହ୍ଲାବାଦ ହାଇକୋର୍ଟଙ୍କ ତୀବ୍ର ଭର୍ତ୍ସନା

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟ ରାଜ୍ୟରେ 'ଗୁଣ୍ଡା ଆଇନ'କୁ ନେଇ ଉତ୍ତର ପ୍ରଦେଶ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । କୋର୍ଟ କହିଛନ୍ତି ଯେ, ତାଙ୍କ ସମ୍ମୁଖରେ ଥିବା ମାମଲାଗୁଡ଼ିକ ସୂଚାଇ ଦେଉଛି ଯେ, ରାଜ୍ୟ ସରକାର ଏହି କଠୋର ଆଇନକୁ ଲୋକଙ୍କୁ ହଇରାଣ କରିବା ପାଇଁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ସଙ୍କଳ୍ପବଦ୍ଧ । ଆହ୍ଲାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚର ବିଚାରପତି ସୁଭାଷ ବିଦ୍ୟାର୍ଥୀ କହିଛନ୍ତି ଯେ, ଗୁଣ୍ଡା ଆଇନ ଏକ ଅତ୍ୟନ୍ତ କଠୋର ଆଇନ ଓ ଏହାକୁ ଅତ୍ୟନ୍ତ ସତର୍କତାର ସହିତ କେବଳ ସ୍ପଷ୍ଟ ମାମଲାରେ ଓ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କାର୍ଯ୍ୟକାରୀ କରିବା ଉଚିତ୍ । ଜାହିଦ ଅଲ୍ଲିଙ୍କୁ 'ଗୁଣ୍ଡା' ଘୋଷଣା କରି ଛଅ ମାସ ପାଇଁ ନିର୍ବାସନ ନିର୍ଦ୍ଦେଶ ଦେଇଥିବା ଗୋଣ୍ଡା ଜିଲ୍ଲା ମାଜିଷ୍ଟ୍ରେଟ (ଡିଏମ୍)ଙ୍କ ଆଦେଶକୁ ଖାରଜ କରି ହାଇକୋର୍ଟ ଏହି ପର୍ଯ୍ୟବେକ୍ଷଣ କରିଛନ୍ତି । ଡିଭିଜନାଲ କମିଶନରଙ୍କ ଆଦେଶକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି ଯେଉଁଥିରେ ଡିଭିଜନାଲ କମିଶନର ଡିଏମ୍ (ଜିଲ୍ଲା ମାଜିଷ୍ଟ୍ରେଟ୍)ଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲେ ।ଗୋଣ୍ଡା ଜିଲ୍ଲା ମାଜିଷ୍ଟ୍ରେଟ୍ ମେ ୧୧ ତାରିଖରେ ଦୁଇଟି ଫୌଜଦାରୀ ମାମଲା ଓ ଏକ ବିଟ୍ ସୂଚନା ରିପୋର୍ଟ ଉପରେ ନିର୍ଭର କରି ଗୁଣ୍ଡା ଆଇନର ଧାରା ୩(୧) ଅନୁଯାୟୀ ଏହି ନିର୍ଦ୍ଦେଶ ଦେଇଥିଲେ । ଗୋଟିଏ ଅପରାଧିକ ମାମଲା ୨୦୧୦ରୁ ଓ ଅନ୍ୟଟି ୨୦୨୦ । ୨୦୧୦ ମାମଲାରେ

ଅଲ୍ଲିଙ୍କୁ ଅଗଷ୍ଟ ୨୬ , ୨୦୧୭ରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୋଷମୁକ୍ତ କରିସାରିଛନ୍ତି ବୋଲି କୋର୍ଟ କହିଛନ୍ତି ।କୋର୍ଟ କହିଛନ୍ତି ଯେ, ଯେଉଁ ମାମଲାରେ ଜଣେ ବ୍ୟକ୍ତି ପୂର୍ବରୁ ଦୋଷମୁକ୍ତ ହୋଇସାରିଛନ୍ତି, ତାହାକୁ ପରବର୍ତ୍ତୀ ସମୟରେ ତାଙ୍କୁ ଗୁଣ୍ଡା ଘୋଷଣା କରିବା ପାଇଁ ଆଧାର ଭାବରେ ବ୍ୟବହାର କରାଯାଇପାରିବ ନାହିଁ । କୋର୍ଟ ଆହୁରି କହିଛନ୍ତି, ୨୦୨୦ରେ ଫୌଜଦାରୀ ମାମଲା ରୁଜୁ ହେବା ଓ ୨୦୨୬ରେ ଅଲିଙ୍କୁ ଗୁଣ୍ଡା ଘୋଷଣା କରାଯାଇଥିବା ଆଦେଶ ମଧ୍ୟରେ ପ୍ରାୟ ଛଅ ବର୍ଷର ବ୍ୟବଧାନ ଥିଲା । କୋର୍ଟ କହିଛନ୍ତି ଯେ, ଉଭୟଙ୍କ ମଧ୍ୟରେ କୌଣସି ଯୁକ୍ତିଯୁକ୍ତ ସମ୍ପର୍କ ସ୍ଥାପନ କରାଯାଇପାରିବ ନାହିଁ । କୋର୍ଟ ଆହୁରି କହିଛନ୍ତି ଯେ, ୨୦୨୦ରେ ଏକ ଫୌଜଦାରୀ ମାମଲାରେ ସମ୍ପୃକ୍ତି ଏହା ପ୍ରମାଣିତ କରିପାରିବ ନାହିଁ ଯେ, ଅଲ୍ଲୀ ଜଣେ ଅଭ୍ୟାସଗତ ଅପରାଧୀ ।ଖଣ୍ଡପୀଠ ଗୁଣ୍ଡା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ବିଟ୍ ସୂଚନା ରିପୋର୍ଟକୁ ବୈଧ ଆଧାର ଭାବରେ ଗ୍ରହଣ କରିବାକୁ ମଧ୍ୟ ମନା କରିଦେଇଥିଲେ । କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ, କମିଶନର ନିର୍ଦ୍ଦୋଷ ମାମଲାକୁ ଅଲ୍ଲିଙ୍କ ବିରୋଧରେ ଏକ ବିଚାରାଧୀନ ମାମଲା ଭାବରେ ବ୍ୟବହାର କରିଥିଲେ । ଡିଏମ୍ ଏବଂ କମିଶନର ଉଭୟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ଆଇନଗତ ଭାବରେ ସ୍ଥାୟୀ ନୁହେଁ ବୋଲି ଦର୍ଶାଇ ଉଚ୍ଚ ନ୍ୟାୟାଳୟ ସେଗୁଡ଼ିକୁ ରଦ୍ଦ କରିଦେଇଥିଲେ ଓ ଅଲ୍ଲିଙ୍କ ଆବେଦନକୁ ମଞ୍ଜୁର କରିଥିଲେ ।

ଇଣ୍ଡୋନେସିଆରେ ଭୂମିକମ୍ପ !

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ଥରିଲା ଇଣ୍ଡୋନେସିଆ । ଭୂମିକମ୍ପରେ ଥରିଛି ଏହି ଦେଶ । ଶନିବାର ଇଣ୍ଡୋନେସିଆରେ ବଡ଼ ଧରଣର ଭୂକମ୍ପ ଝଟକା ଲାଗିଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୨ ବୋଲି କୁହାଯାଉଛି ।ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିୟୋସାଇନ୍ସ ଅନୁସାରେ, ଭୂମିକମ୍ପର କେନ୍ଦ୍ରସ୍ଥଳୀ ଭୂପୃଷ୍ଠରୁ ୩୭୬ କିମି ଭିତରେ ରହିଥିଲା । ତେବେ ଏଥିରେ କେହି ମୃତାହତ ହୋଇଥିବା ସୂଚନା ମିଳିନି । କିନ୍ତୁ କିଛି ଘର କାନ୍ଥରେ ଫାଟ ସୃଷ୍ଟି ହୋଇଛି । ବିଳମ୍ବିତ ରାତ୍ରରେ ହୋଇଥିବାରୁ ଲୋକେ ଶୋଇଥିଲେ । ଝଟକା ଲାଗିବା ପରେ ଘର ଛାଡି ବାହାରକୁ ସମସ୍ତେ ଚାଲି ଆସିଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରଶାସନ ଘଟଣା ଉପରେ ନଜର ରଖିଛି । ପୂର୍ବରୁ ଶୁକ୍ରବାର ସକାଳେ ମଧ୍ୟ ବାନ୍ଦା ସାଗର ଅଞ୍ଚଳରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା ।ଶନିବାର ଦେଶର ଜାଭା ଦ୍ୱୀପରେ ଝଟକା ଲାଗିଛି । ଏହାପୂର୍ବରୁ ଶୁକ୍ରବାର ମାଲୁକୁ ଦ୍ୱୀପରେ ଝଟକା ଅନୁଭୂତ ହୋଇଥିଲା । ଏବେ ସୁଦ୍ଧା ସୁନାମି ନେଇ କୌଣସି ଆଲର୍ଟ ଜାରି କରାଯାଇ ନାହିଁ । କିନ୍ତୁ ସ୍ଥାନୀୟ ଏଜେନ୍ସିକୁ ସଜାଗ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ମୋଦୀଙ୍କୁ ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଶ୍ୱିକ ପ୍ରଭାବ ଓ ଅପାର ଲୋକପ୍ରିୟତାର ଖୋଲାଖୋଲି ପ୍ରଶଂସା କରିଛନ୍ତି ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ । ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଆୟୋଜିତ ଦ୍ୱିପାକ୍ଷିକ ବୈଠକ ସମୟରେ ଦୁଇ ନେତାଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଉଷ୍ମ ଆଲୋଚନା ଦେଖିବାକୁ ମିଳିଥିଲା । ସାକ୍ଷାତ ଆଲୋଚନା ବେଳେ ମାଲେସିଆ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କହିଥିଲେ, 'ଆପଣ ଏତେ ଲୋକପ୍ରିୟ ଯେ, ଆପଣଙ୍କ ପାଖକୁ ବାର୍ତ୍ତା ପଠାଇବା ପାଇଁ ମୋତେ ବିଭିନ୍ନ ଆଡୁ ମେସେଜ୍ ଆସିଛି ।' ମାଲେସିଆ ପ୍ରତିପକ୍ଷଙ୍କ ମୁହଁରୁ ନିଜ ଲୋକପ୍ରିୟତା ବାବଦରେ ଏପରି କଥା ଶୁଣି ପ୍ରଧାନମନ୍ତ୍ରୀ ମୋଦୀ ନିଜ ହସ ରୋକି ପାରିନଥିଲେ, ଯାହାର ଭିଡିଓ ଓ ସ୍ୱତନ୍ତ୍ର ଦୃଶ୍ୟ ଗଣମାଧ୍ୟମର କ୍ୟାମେରାରେ କଏଦ ହୋଇଛି ।ଏହି ସାକ୍ଷାତକାର ସମୟରେ ଦୁଇ ନେତା ଶକ୍ତି, ପ୍ରତିରକ୍ଷା, ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବାକୁ ନେଇ ସକାରାତ୍ମକ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୦୨୬ରେ ମୋଦୀଙ୍କ ମାଲେସିଆ ଗସ୍ତ ପରେ, ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ଏହା ଦ୍ୱିତୀୟ ବୈଠକ । ଏହି ଆଲୋଚନା କାଳରେ ଦୁଇ ଦେଶର ସମ୍ପର୍କର ସମୀକ୍ଷା କରାଯିବା ସହ ପ୍ରମୁଖ ଆଞ୍ଚଳିକ ଓ ବୈଶ୍ୱିକ ମୁଦ୍ଦା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ବ୍ରିକ୍ସ ୨୦୨୬: ୟୁଏଇ କ୍ରାଉନ ପ୍ରିନ୍ସଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୧୨।୯(ଏଜେନ୍ସି): ବ୍ରିକ୍ସ ସମ୍ମିଳନୀ ୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ୟୁଏଇର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍‌ଙ୍କୁ ଭେଟିଛନ୍ତି । ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟ କରିଡର ଓ ନିବେଶ ବିସ୍ତାରକୁ ପ୍ରୋତ୍ସାହନ ଦେବା ଉପରେ ଦ୍ୱିପାକ୍ଷିକ ଆଲୋଚନା କେନ୍ଦ୍ରିତ ହୋଇଛି । ନୂଆଦିଲ୍ଲୀ ସ୍ଥିତ ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ବୈଠକରେ ଦୁଇ ଦେଶ ବାଣିଜ୍ୟ, ଶକ୍ତି ସୁରକ୍ଷା କ୍ଷେତ୍ରରେ ସହଭାଗୀ ସମୃଦ୍ଧି ଉପରେ ଆଲୋଚନା କରିଛନ୍ତି । ବେ ?ଠକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ ଲେଖିଛନ୍ତି ଯେ, ଭାରତ -ୟୁଏଇ ସମ୍ପର୍କରେ ଗତ କିଛି ବର୍ଷ ହେଲା ପରିବର୍ତ୍ତନ ଆସିଛି । ଦୁଇ ଦେଶ ନିଜ ମହତ୍ୱାକାଂକ୍ଷାକୁ ଆହୁରି ଉଚ୍ଚ କରିଛନ୍ତି । ଶେ

ୱାରେଣ୍ଟ ବଳରେ ଫେରାର ଆସାମୀ ଗିରଫ

ବୁଗୁଡା ୧୩।୯ (ନି.ପ୍ର): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ଫେରାର ଆସାମୀ ଶିବରାମ ପୋଲାଇ(୩୦)ଙ୍କୁ ଆଜି ପୋଲିସ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ଦୁଇ ବର୍ଷ ତଳେ ଶିବରାମ ଗୋଲିଆ ଗ୍ରାମରେ ଜନୈକା ମହିଳାଙ୍କ ଘରେ ପଶି ଅସଦାଚରଣ କରି ଫେରାର ଥିଲେ। ତେବେ ଆଜି ଶିବରାମ ଅଟୋ ଚଳାଇ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଏଏସଆଇ ରାଜକୁମାର ମହାପାତ୍ର ସଦଳବଳେ ତାଙ୍କୁ କାବୁ କରିଥିଲେ। ଏ ନେଇ ଜିଆର କେସ୍ ନଂ ୧୦୨/୨୪ରେ ଏକ ମାମଲା ଶିବରାମଙ୍କ ବିରୁଦ୍ଧରେ ରହିଥିଲା ।

ପ୍ରଧାନମନ୍ତ୍ରୀ ଙ୍କ ଜନ୍ମଦିନ ସେପଟ୍ମେମ୍ବର ୧୭ ରୁ ମାସେ ବ୍ୟାପି ସେବା ସଂକଳ୍ପ ଅଭିଯାନ

ଅନୁଗୋଳ, ୧୩।୯ (ନି.ପ୍ର) : ସେବାରୁ ସଂକଳ୍ପ, ସଂକଳ୍ପରୁ ବିକଶିତ ଅନୁଗୋଳ, ବିକଶିତ ଓଡିଶା,ବିକଶିତ ଭାରତ ୨୫ ବର୍ଷର ଜନସେବାର ପ୍ରେରଣାରେ ଆରମ୍ଭ ହେବ ସେବାର ନୂଆ ଅଧ୍ୟାୟଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ଜନ୍ମଦିନ ୧୭ ସେପଟ୍ମେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସେ ଧରି ଚାଲିବ ଅଭିଯାନ,ଏହି ଅଭିଯାନକୁ କେବଳ ଦଳୀୟ କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ଜନସେବା, ଜନଭାଗିଦାରୀ ଓ ସାମାଜିକ ଦାୟିତ୍ୱର ଏକ ବ୍ୟାପକ ଅଭିଯାନ ଭାବେ ପାଳନ କରାଯିବ ବୋଲି ଆଜି ଅନୁଗୋଳ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରାଯାଇଛି । ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଶନିବାର ଅପରାହ୍ନ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଜନ୍ମଦିନ ଉପଲକ୍ଷେ ମାସେ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ସେବା ସଂକଳ୍ପ ଅଭିଯାନ ଉପରେ ପ୍ରକାଶ କରିଥିଲେ । ସେବା ସଂକଳ୍ପ ଅଭିଯାନ'ର ୧୩ଟି କାର୍ଯ୍ୟକ୍ରମ ମାଧ୍ୟମରେ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନିଆଯିବ ରକ୍ତଦାନ ଶିବିର, ଆର୍ଶୀବାଦର ଦୀପ, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ନମୋ ସେବା ଗାଥା, ଅଙ୍ଗନବାଡୀ ଉତ୍ସବ, ପରିବର୍ତନର କାହାଣୀ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ସେବା ଜ୍ୟୋତି ଯାତ୍ରା, ସେବା ଓ ମୋର ଯୋଗଦାନ, ସେବା ସେତୁ ଅଭିଯାନ, ରଙ୍ଗୋଲୀ ରାଷ୍ଟ୍ର, ଜନସେବାର ମହାକୁମ୍ଭ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେବା ସଂକଳ୍ପର ବାର୍ତାକୁ ତଳ ସ୍ତରରେ ପହଂଚାଇବା ପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ଆମ ସମସ୍ତଙ୍କର ପ୍ରେରଣାର କେନ୍ଦ୍ରବିନ୍ଦୁ ତଥା ବିଶ୍ୱର ଅଦ୍ୱିତୀୟ ନେତା ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଜନସେବା ଏବଂ ସମର୍ପଣର ୨୫ ବର୍ଷ ପୂରଣ କରିବେ। ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ସେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ ଏବଂ ବିଗତ ୨୫ ବର୍ଷ ମଧ୍ୟରେ ସେ ଜନସେବାକୁ ରାଷ୍ଟ୍ରସେବାରେ ରୂପାନ୍ତରିତ କରିବାର ନୀତି ଦ୍ୱାରା ପରିଚାଳିତ ହୋଇ ନିଜର ସେବା ଯାତ୍ରାକୁ କ୍ରମାଗତଭାବରେ ଆଗେଇ ନେଇଛନ୍ତି। ଏହି ଯାତ୍ରା କେବଳ ଗୋଟେ ସାଧାରଣ ଯାତ୍ରା ନୁହେଁ, ଏହା ସଂଘର୍ଷ ଯାତ୍ରା, ଏ ଯାତ୍ରା ଲୋକମାନଙ୍କ ପାଇଁ ସେବାର ଯାତ୍ରା, ଏ ଯାତ୍ରା ଗୋଟେ ସଂକଳ୍ପର ଯାତ୍ରା, ଏ ଯାତ୍ରା ନିରନ୍ତର ୨୫ ବର୍ଷ ଧରି ଆତ୍ମବିଶ୍ୱାସର ଯାତ୍ରା। ଜଣେ ସାଧାରଣ କାର୍ଯ୍ୟକର୍ତା ଅସାଧାରଣ କାର୍ଯ୍ୟ କରି ନିଜ ଯୋଗ୍ୟତା ଓ ଦକ୍ଷତା ବଳରେ ଅନେକ ସଂସ୍କାରମୂଳକ କାର୍ଯ୍ୟ କରି ପରିବର୍ତନ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ୧୨ ବର୍ଷ ଏବଂ ଓଡିଶା ରେ ମୋହନ ମାଝୀ ଙ୍କ ଦୁଇ ବର୍ଷ ଶାସନରେ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଉଦ୍ୟମ ରେ ଅନୁଗୋଳ ଜିଲ୍ଲା ର ଦ୍ରୁତ ବିକାଶ ଚାଲୁ ରହିଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଶାରେ ମଧ୍ୟ ଏହି ଅଭିଯାନକୁ କେବଳ ଦଳୀୟ କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ଜନସେବା, ଜନଭାଗିଦାରୀ ଓ ସାମାଜିକ ଦାୟିତ୍ୱର ଏକ ବ୍ୟାପକ ଅଭିଯାନ ଭାବେ ପାଳନ କରାଯିବ। ସମସ୍ତ ୩୧ ଟି ମଣ୍ଡଳ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ଅଭିଯାନକୁ ନିଆଯିବ। ଯୁବକ, ମହିଳା, ଛାତ୍ରଛାତ୍ରୀ, ଚାଷୀ, ଗରିବ ଓ ବଂଚିତ ବର୍ଗଙ୍କୁ ଏଥିରେ ସାମିଲ କରାଯିବ। ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ସାମାଜିକ ସେବା, ଜନସଚେତନତା, ଅଙ୍ଗନୱାଡ଼ି ଜନସମ୍ପର୍କ ଓ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। 'ସେବା ମୋର ଯୋଗଦାନ' ଭାବନା ସହିତ ସାଧାରଣ ନାଗରିକଙ୍କୁ ମଧ୍ୟ ସେବା କାର୍ଯ୍ୟରେ ଯୋଡ଼ାଯିବ। ସ୍କୁଲ ଓ କଲେଜ ସ୍ତରରେ ଚିତ୍ରାଙ୍କନ, ଭାଷଣ ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯିବ। 'ବିକଶିତ ଭାରତ-୨୦୪୭', ରାଷ୍ଟ୍ର ନିର୍ମାଣ, ଯୁବଶକ୍ତି ଓ ଜନସେବାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ନୂଆ ଚିନ୍ତାଧାରା ସୃଷ୍ଟି କରାଯିବ। 'ସେବା ଜ୍ୟୋତି ଯାତ୍ରା', 'ସେବା ସେତୁ', ଅଙ୍ଗନ ମିଳନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ପାଖକୁ ପହଁଚାଯିବ। ଅଭିଯାନର ଶେଷ ପର୍ଯ୍ୟାୟରେ 'ଜନସେବକ ମହାକୁମ୍ଭ' ମାଧ୍ୟମରେ ଜନପ୍ରତିନିଧି ଓ କାର୍ଯ୍ୟକର୍ତା ମାନେ ସେବା ପାଇଁ ନିଜର ସଂକଳ୍ପ କୁ ପୁନଃ ଦୃଢ କରିବେ । ମୋଦିଜୀଙ୍କ ଜନ୍ମଦିନକୁ ୧୭ ସେପଟ୍ମେମ୍ବର ଆମେ ୧୫ ଦିନ ପାଳନ କରୁ। ରାଷ୍ଟ୍ରୀୟ ସଭାପତିଙ୍କ ଆହ୍ୱାନକ୍ରମେ ଚଳିତ ବର୍ଷ ଏକ ମାସ ଧରି ପାଳନ ହେବ। ଓଡ଼ିଶାରେ ବିଜେପି ସରକାରକୁ ମାତ୍ର ୨ବର୍ଷ ପୂରଣ ହୋଇଛି। ଏହି ସମୟ ମଧ୍ୟରେ ମୋଦିଜୀ ନିରନ୍ତର ଓ ଯୋଜନାବଦ୍ଧ ଭାବେ ଓଡ଼ିଶାକୁ ଆସିଛନ୍ତି ଏବଂ ପ୍ରବାସୀ ଭାରତୀୟ ଓ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟରେ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ, ଏଫଡିଆଇ ମାଧ୍ୟମରେ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା କରିବା, ଓଡ଼ିଶା ଏକ ନମ୍ବର ରାଜ୍ୟ ଭାବେ ଗଢିବାର ପରିକଳ୍ପନା ମୋଦିଜୀ କରିଛନ୍ତି। ସ୍ଥାନୀୟ ଲୋକଙ୍କର ମନ ଭିତରେ ବିଶ୍ୱାସ ତିଆରି କରିବା ପାଇଁ 'ଭୋକାଲ ଫର ଲୋକାଲ'ଉପରେ ଗୁରୁତ୍ୱ ଦିଆଯାଉଛି। ମୋଦିଜୀଙ୍କ ତାଙ୍କ 'ମନ କି ବାତ' କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ଅସାଧାରଣ କାର୍ଯ୍ୟକୁ ଲୋକଲୋଚନକୁ ଆଣିବାକୁ ଉଦ୍ୟମ କରୁଛନ୍ତି।

ରେସ୍ଟ୍ଲେର ଓ୍ୱେଏଲଫାୟାର ଫାଉଣ୍ଡେସନ ପକ୍ଷରୁ ମୁକ୍ତ ରାସନ୍ ବଣ୍ଟନ କାର୍ଯ୍ୟକ୍ରମ

ଗୋପ/ନିମାପଡ଼ା, ୧୩/୯(ନି.ପ୍ର): ରବିବାର ଦିନ ନିମାପଡ଼ା ପୁନେସ୍ୱରୀ ମହାଦେବ ମନ୍ଦିର ପ୍ରାଙ୍ଗଣରେ ରେସ୍ଟ୍ଲେର ଓ୍ୱେଏଲଫାୟାର ଫାଉଣ୍ଡେସନ ପକ୍ଷରୁ ଗରିବ ମହିଳାମାନଙ୍କୁ ମୁକ୍ତ ରାସନ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ୟୁନିଟ୍ର ଉପାଧ୍ୟକ୍ଷ ଜ୍ଞାନରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ରେସ୍ଟ୍ଲେର ଓ୍ୱେଏଲଫାୟାର ଫାଉଣ୍ଡେସନର ରାଜ୍ୟ ପ୍ରଭାରୀ ମନୋଜ କୁମାର ସାହୁ, ମୁଖ୍ୟ ବକ୍ତା ୟୁନିଟ୍ ଇନ୍ଚାର୍ଜ ଚିତ୍ତରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେରେ ନିମାପଡ଼ା ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଆଇନି ଜିବ ବାଦଲ ସାହାବ ରଥ, ସାମ୍ବାଦିକ ସନ୍ତୋଷ ବରାଳ,କୋଷାଧ୍ୟକ୍ଷ ନିଳିମା ସାହୁ,ଶିବ ନାରାୟଣ ସାହୁ, ସଦସ୍ୟ ଅମ୍ବିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦ଜଣ ଗରିବ ମହିଳା ମାନଙ୍କୁ ମୁକ୍ତ ରାସନ୍ ବଣ୍ଟନ କରାଯିବା ସହ ୨ଜଣ ଛାତ୍ରଛାତ୍ରୀଙ୍କ ସ୍କଲାରସିପ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ୱରୋଜଗାର ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା,ସହାୟତା ଯୋଜନା,ରଣମୁକ୍ତ ଭାରତ ଯୋଜନା,ଆୟୁଷ୍ମାନ ଭାରତ ଯୋଜନା ଦରମା ଓ ସଞ୍ଚୟ ଯୋଜନା ନିମାପଡ଼ା ବ୍ଲକ ସମସ୍ତ ପଞ୍ଚାୟତରେ ଘରକୁ ଘର ରାସନ୍ ବଣ୍ଟନ କରାଯିବା ଆମର ପ୍ରଥମ ଲକ୍ଷ୍ୟ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ।

୪୩ନଂ ୱାର୍ଡକୁ ଶ୍ରେଷ୍ଠ ୱାର୍ଡର ମାନ୍ୟତା ଦେଲେ କେନ୍ଦ୍ର ସରକାର
ମେୟର ଓ କମିସନରଙ୍କ ଦ୍ୱାରା ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ

କଟକ, ୧୩।୯ (ନି.ପ୍ର) : କେନ୍ଦ୍ର ସରକାର ଓ ଜଙ୍ଗଲ ପରିବେଶ ସୁରକ୍ଷା ମନ୍ତ୍ରାଳୟ ପକ୍ଷରୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୬ ଅବସରରେ ଦିଲ୍ଲୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ (କେଏମସି)ଅନ୍ତର୍ଗତ ୫୯ଗୋଟି ୱାର୍ଡ ମଧ୍ୟରୁ ୪୩ନଂ ୱାର୍ଡକୁ ଶ୍ରେଷ୍ଠ ୱାର୍ଡର ମାନ୍ୟତା ପ୍ରଦାନ କରାଯାଇଛି । ଏହି ଅବସରରେ ଅପର୍ଣ୍ଣାନଗରସ୍ଥିତ ସିଦ୍ଧେଶ୍ୱର ମନ୍ଦିର ନିକଟସ୍ଥ ଗୋଷ୍ଠୀ ଗୃହରେ ୱାର୍ଡ କର୍ପୋରେଟର ସୁଶ୍ରୀ ପ୍ରମିଳା ମହାନ୍ତିଙ୍କ ସଂଯୋଜନାରେ ସାମାଜିକ ଅନୁଷ୍ଠାନ କଳିଙ୍ଗ ସେବା ସମିତି ଟ୍ରଷ୍ଟ (କେଏସଏସଟି) ଏବଂ ଚାଉଳିଆଗଞ୍ଜର ଜାଗୃତି ପରିବାରର ସହଯୋଗରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କେଏମସି ମେୟର ସୁବାଷ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କେଏମସି କମିସନର କୀରଣଦୀପ କୌର ସହୋତା, ସମ୍ମାନିତ ଅତିଥି ଡେପୁଟି କମିସନର ଜୁବୁଲୀ ବେହେରା, ସଫେଇ ସଂସ୍ଥା ପ୍ରତ୍ୟୁଷର ପ୍ରତିଷ୍ଠାତା ଇଂ ବଳରାମ ସାହୁ, ମଞ୍ଜୁଶ୍ରୀର ଅଧ୍ୟକ୍ଷ ଗିତୀ ମହାନ୍ତି, ପୂର୍ବତନ କର୍ପୋରେଟର ଅକ୍ଷୟ ବେଉରା, କେଏସଏସଟିର ସଭାପତି ସତୀଶ ସୌଦାନୀ, ସମ୍ପାଦକ ଗୋପାଳ ଗୁପ୍ତା, କୋଷାଧ୍ୟକ୍ଷ ଭାଗଚାନ୍ଦ ଜୈନ ଏବଂ ସମାଜସେବୀ ବିଶ୍ୱଜିତ ବେଉରା ପ୍ରମୁଖ ଉପସ୍ଥିତ ରହି ନିୟମିତ ଘରକୁ ଘର ଯାଇ ଆବର୍ଜନା ସଂଗ୍ରହ କରିବା, ରାସ୍ତାଘାଟରେ ଜମୁଥିବା ଆବର୍ଜନାକୁ ସଫା କରିବା, ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗଳିକନ୍ଦିକୁ ପରିଷ୍କାର ରଖିବା ଏବଂ ସାଧାରଣ ସ୍ଥାନରେ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ସଫେଇ କର୍ମଚାରୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୦୪ ଏବଂ ୨୦୦୯ ମସିହାରେ ୪୩ନଂ ୱାର୍ଡକୁ ସର୍ବଶ୍ରେଷ୍ଠ ୱାର୍ଡ ଭାବେ ବିବେଚନା କରାଯାଇ ତତ୍କାଳୀନ କର୍ପୋରେଟର ଅକ୍ଷୟ ବେଉରାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ୨୦୨୬ରେ ପୁନର୍ବାର ଏହି ୱାର୍ଡକୁ ଶ୍ରେଷ୍ଠ ୱାର୍ଡ ଭାବେ ବିବେଚନା କରାଯାଇଥିବାରୁ ପୂର୍ବତନ କର୍ପୋରେଟର ଶ୍ରୀ ବେଉରା ଏବଂ କର୍ପୋରେଟର ସୁଶ୍ରୀ ପ୍ରମିଳା ମହାନ୍ତି ୱାର୍ଡବାସୀଙ୍କ ଅକୁଣ୍ଠ ସହଯୋଗ ଓ ସଫେଇ କର୍ମଚାରୀଙ୍କ ନିରନ୍ତର ପ୍ରୟାସକୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ୱାର୍ଡର ମୁରବୀ ଅମୁଲ୍ୟରତ୍ନ ମହାନ୍ତି, ଶରତ ଚନ୍ଦ୍ର ସାହୁ, ନିହାର ରଥ, ସୁନିଲ କୋଠାରୀ, ରାଜେଶ ଗୁପ୍ତା, ସୁବାଷ ଗୁପ୍ତା, ରାଜକିଶୋର ମହାନ୍ତି, ବିଭୁପଦାରବିନ୍ଦ ଆଚାର୍ଯ୍ୟ, ଶରତ ଚନ୍ଦ୍ର ରାଉତ, କୈଳାଶ ଚନ୍ଦ୍ର ସେଠୀ, କୈଳାଶ ନାଥ ବେହେରା, ବିଜୟ କୁମାର ରାଉତଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡବାସୀ ଉପସ୍ଥିତ ଥିଲେ। ସଫେଇ କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁଁ ସମସ୍ତ ୱାର୍ଡ ଯେପରି ଶ୍ରେଷ୍ଠ ୱାର୍ଡ ଭାବେ ବିବେଚିତ ହୋଇପାରିବ ସେ ଦିଗରେ ତାଙ୍କର ଚେଷ୍ଟା ଜାରି ରହିବ ବୋଲି ସଫେଇ ସଂସ୍ଥାର ପ୍ରତିଷ୍ଠାତା ଇଂ ବଳରାମ ସାହୁ କହିଛନ୍ତି।

ହିନ୍ଦ ମଜୁଦୁର ସଭାର ରାଜ୍ୟ ସମ୍ପାଦକ ହେଲେ ଜ୍ଞାନ ରଞ୍ଜନ ଦାସ

ଡେଲାଙ୍ଗ,୧୩।୯ (ନି.ପ୍ର): ଡେଲାଙ୍ଗ ବ୍ଲକ ଅରିସଲ ପଂଚାୟତ ଅନ୍ତର୍ଗତ ଓଡ଼ାରଙ୍ଗ ଗ୍ରାମର ଜ୍ଞାନ ରଞ୍ଜନ ଦାସ ପଞ୍ଚଦଶ ରାଜ୍ୟ ହିନ୍ଦ ମଜୁଦୁର ସଭା ସମ୍ମିଳନୀ ରେ ରାଜ୍ୟ ସମ୍ପାଦକ ଭାବେ ନିର୍ଦ୍ଦୋଦ ରେ ନିର୍ବାଚିତ ହୋଇଛନ୍ତି । ରବିବାର ଚନ୍ଦ୍ରଶେଖରପୁର ରେଳବିଭାଗ ସମ୍ମିଳନୀ ସଦନରେ ଅନୁଷ୍ଠିତ ସଭାରେ ତାଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ପୂର୍ବରୁ ସେ ଏହି ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ଆଜି ଠାରୁ ୨ୟ ଥର ଭାବେ ଏହି ଦାୟିତ୍ୱ ପୁର୍ନବାର ପ୍ରଦାନ କରାଯାଇଛି। ଏହି ଅବସରରେ ଶ୍ରୀ ଦାସ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ଖିକିଆ, ମୋହନତ ଶ୍ରମିକ ଙ୍କ ପାଇଁ ଅହରହ ଦିନରାତି ପରିଶ୍ରମ କରିଥିବାରୁ ଏହି ସଫଳତା ମିଳିଛି । ରାଜ୍ୟ ନେତୃ ମଣ୍ଡଳର କମ୍ରେଡ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ରପ୍ରତାପ ସ୍ୱାଇଁ, କମ୍ରେଡ ଲକ୍ଷ୍ମଣ ସାହୁ, କମ୍ରେଡ ବିରଜା ଲିଙ୍କର ନାୟକ, କମ୍ରେଡ ଶଙ୍କର ବେହେରା ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ପଞ୍ଚଦଶ ହିନ୍ଦ ମଜଦୁର ସଭାର ସମସ୍ତ ଶ୍ରମିକ ସାଥୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

କଟକ ମାରୱାଡ଼ି ସମାଜର ନବନିର୍ବାଚିତ ସଭାପତି ସଞ୍ଜୟ ଶର୍ମାଙ୍କୁ ସାଂସଦ ଦେବାଶିଷଙ୍କ ଅଭିନନ୍ଦନ

କଟକ, ୧୩।୯ (ନି.ପ୍ର) : କଟକ ମାରୱାଡ଼ି ସମାଜର ସଦ୍ୟ ସମାପ୍ତ ନିର୍ବାଚନରେ ବିପୁଳ ଭୋଟ ବ୍ୟବଧାନରେ ସଭାପତି ଭାବେ ନିର୍ବାଚିତ ହୋଇଥିବା ସଞ୍ଜୟ ଶର୍ମାଙ୍କୁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତରାୟ ନବନିର୍ବାଚିତ ସଭାପତି ଶ୍ରୀ ଶର୍ମାଙ୍କ ନେତୃତ୍ୱ ଦକ୍ଷତା ଉପରେ ଆସ୍ଥା ପ୍ରକଟ କରିବା ସହ କଟକ ମାରୱାଡ଼ି ସମାଜର ବିକାଶ ଓ ଉନ୍ନତି ପାଇଁ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ସେ ସର୍ବଦା ପ୍ରସ୍ତୁତ ରହିବେ ବୋଲି କହିଛନ୍ତି। ସମାଜର ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ ଓ ମୌଳିକ ସୁବିଧାର ବିକାଶ ଦିଗରେ ମଧ୍ୟ ସମସ୍ତ ସହଯୋଗ ଯୋଗାଇଦେବାକୁ ସେ ଆଶ୍ୱାସନ ଦେଇଛନ୍ତି। ସାଂସଦ ଶ୍ରୀ ସାମନ୍ତରାୟଙ୍କ ଅଭିନନ୍ଦନ ଓ ସହଯୋଗର ଆଶ୍ୱାସନ ପାଇଁ ସଞ୍ଜୟ ଶର୍ମା କୃତଜ୍ଞତା ପ୍ରକାଶ କରିଛନ୍ତି। ସମାଜର ବରିଷ୍ଠଜନଙ୍କ ମାର୍ଗଦର୍ଶନ, ଯୁବପିଢ଼ିର ଉତ୍ସାହପୂର୍ଣ୍ଣ ସହଯୋଗ ଓ ଜନପ୍ରତିନିଧିଙ୍କ ସହଯୋଗରେ ମାରୱାଡ଼ି ସମାଜର ପ୍ରଗତି ସହ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ନୂଆ ଗତି ଦିଆଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ରମନ ବଗଡ଼ିଆ, ଶରତ ସାଙ୍ଗାନେରିଆ, ମହେନ୍ଦ୍ର ଅଗ୍ରୱାଲ, ଅଣୁ ପାଟୋଦିଆ, ବିଜୟ ଶଙ୍କର ମୋଡ଼ା, ସୁନୀଲ ବଥୱାଲ, କିଶୋର ଆଗାର୍ୱାଲ, ସଞ୍ଜୟ ଅଗ୍ରୱାଲ, ରାକେଶ ସିଙ୍ଘୀ, ରାଜେଶ ଶର୍ମା, ପବନ ବର୍ମା, ରାଜୁ ଅଗ୍ରୱାଲ, ମନୋଜ ଶର୍ମା, ଅମିତ ଶର୍ମା ଓ ଈଶ୍ୱର ଶର୍ମାଙ୍କ ସମେତ ସମାଜର ବହୁ ବିଶିଷ୍ଟ ସଦସ୍ୟ ଉପସ୍ଥିତ ଥିଲେ।

ୱାର୍ଲଡ୍ ଓଡ଼ିଶା ସୋସାଇଟି ପକ୍ଷରୁ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

ନୂଆଦିଲ୍ଲୀ,୧୩।୯ (ନି.ପ୍ର): ୱାର୍ଲଡ୍ ଓଡ଼ିଶା ସୋସାଇଟି (ୱା ଓ ସୋ) ପକ୍ଷରୁ କିମ୍ବଦନ୍ତୀ ଗାୟକ ସ୍ୱର୍ଗତଃ ଶ୍ରୀ ପ୍ରଣବ ପଟ୍ଟନାୟକଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୱା ଓ ସୋ ଦ୍ୱାରା ଆଭାସୀ ମଞ୍ଚରେ ଆୟୋଜିତ ଏକ ଶୋକସଭାରେ ବିଶ୍ୱବ୍ୟାପୀ ପ୍ରବାସୀ ଓଡ଼ିଆ ନେତାମାନେ ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କର ଦୁଃଖଦ ବିୟୋଗ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହି ଶୋକ ସମାବେଶରେ ୱା

ଭୁବନେଶ୍ୱରର ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌କୁ ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର ସାମାଜିକ ପ୍ରଭାବର ଉପବିଜେତା ପୁରସ୍କାର

ପୁଣେ, ୧୩।୯ (ନି.ପ୍ର) : ଭୁବନେଶ୍ୱରସ୍ଥିତ ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌କୁ ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର 'ଗତିଶୀଳତା ସାମାଜିକ ପ୍ରଭାବ ପୁରସ୍କାର-୨୦୨୬'ରେ ଉପବିଜେତା ଭାବେ ଘୋଷଣା କରାଯାଇଛି । ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍ ୨୦୧୦ ମସିହାରୁ ସୁରକ୍ଷିତ ସଡ଼କ ଓ ସୁରକ୍ଷିତ ସମୁଦାୟ ଗଠନ ଲକ୍ଷ୍ୟରେ କାର୍ଯ୍ୟ କରିଆସୁଛି । ସଚେତନତା ସୃଷ୍ଟି, ଯୁବପିଢ଼ିର ସଂପୃକ୍ତି, ନୀତିଗତ ପ୍ରଚାର ଏବଂ ତଥ୍ୟଭିତ୍ତିକ ସଡ଼କ ସୁରକ୍ଷା ପଦକ୍ଷେପ ମାଧ୍ୟମରେ ସଂଗଠନ ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାମ କରୁଛି । ଶିକ୍ଷାନୁଷ୍ଠାନ, ସରକାରୀ ସଂସ୍ଥା, ଟ୍ରାଫିକ୍ ପୁଲିସ ଏବଂ ସ୍ଥାନୀୟ ସମୁଦାୟ ସହଯୋଗୀଙ୍କ ସହ ମିଶି ଫୋରମ୍ ପକ୍ଷରୁ ଦୁର୍ଘଟଣା ନିରୋଧ, ସଡ଼କ ସୁରକ୍ଷା ଶିକ୍ଷା, ସମୁଦାୟ ସଚେତନତା ଓ ଦୁର୍ଘଟଣା ପୀଡ଼ିତଙ୍କୁ ସହାୟତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜର୍ଷି ମୋଇତ୍ରା କହିଛନ୍ତି, ସଡ଼କକୁ ଅଧିକ ସୁରକ୍ଷିତ କରିବା, ସମୁଦାୟକୁ ସଶକ୍ତ କରିବା ଏବଂ ସାରା ଭାରତରେ ସକାରାତ୍ମକ ସାମାଜିକ ପରିବର୍ତ୍ତନ ଆଣିବା ଦିଗରେ ଫୋରମ୍‌ର ଉଦ୍ୟମକୁ ସ୍ୱୀକୃତି ଦେଇ ଆମେ ଗର୍ବିତ । ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌ର ପ୍ରତିଷ୍ଠାତା ଡ. ବିକାଶ ମହାପାତ୍ର କହିଛନ୍ତି, ଏହି ସ୍ୱୀକୃତି ପାଇ ଆମେ ସମ୍ମାନିତ । ସମସ୍ତଙ୍କ ପାଇଁ ସୁରକ୍ଷିତ ସଡ଼କ ଓ ସୁରକ୍ଷିତ ସମୁଦାୟ ବାସ୍ତବତାରେ ପରିଣତ ହେବା ପର୍ଯ୍ୟନ୍ତ ଆମର ପ୍ରୟାସ ଜାରି ରହିବ ।

ଆମାଜନ ଡଟ୍ ଇନ୍‌ରେ ଗଣେଶ ଚତୁର୍ଥୀ ଷ୍ଟୋର୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୧୩।୯ (ନି.ପ୍ର) : ଆମାଜନ ଡଟ୍ ଇନ ପକ୍ଷରୁ ଏହାର ଗଣେଶ ଚତୁର୍ଥୀ ଷ୍ଟୋର୍‌ର ଲଂଚ ଘୋଷଣା କରାଯାଇଛି ଯାହା ଗ୍ରାହକଙ୍କ ପାଇଁ ଭଗବାନ ଗଣେଶଙ୍କୁ ସ୍ୱାଗତ କରିବା ଓ ନିଜର ଘରକୁ ଉତ୍ସବ ପାଇଁ ପାର୍ବଣ ପ୍ରସ୍ତୁତ କରିବା ଲାଗି ଆବଶ୍ୟକ ସମସ୍ତ ସାମଗ୍ରୀକୁ ଏକାଠି କରିଛି । ଏହି ଏଆଇ-ଉନ୍ନତ ଷ୍ଟୋର ପାର୍ବଣ ଋତୁ ପାଇଁ ସପିଂ କରିବା ଲାଗି ଗ୍ରାହକଙ୍କ ପାଇଁ ସହଜ ଓ ଅଧିକ ସୁବିଧାଜନକ କରିଛି । ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତିଠାରୁ ଆରମ୍ଭ କରି ପୂଜା ସାମଗ୍ରୀ, ଫେଷ୍ଟିଭ ଡେକୋର, ଏଥିନିକ ଫ୍ୟାଶନ, ହୋମ୍ ଡେକୋର, ଲାଇଟିଂ, ମିଠା ଆଦି ସାମଗ୍ରୀଗୁଡ଼ିକୁ ଗ୍ରାହକମାନେ ଗୋଟିଏ ସୁବିଧାଜନକ ଗନ୍ତବ୍ୟସଗ୍‌ଥଳୀରେ ସହଜରେ ଅନ୍ୱେଷଣ କରିପାରିବେ । ଗ୍ରାହକମାନେ ସେମ୍-ଡେ, ନେକ୍ସଟ-ଡେ ଓ କିଛି ଘଂଟା ମଧ୍ୟରେ ଡେଲିଭରିରୁ ମଧ୍ୟ ଲାଭାନ୍ୱିତ ହୋଇପାରିବେ । ଏହାବ୍ୟତୀତ ପ୍ରାଇମ ସଦସ୍ୟମାନେ ହୋମ୍, କିଚେନ, ଦୈନନ୍ଦିନ ସାମଗ୍ରୀ, ଫ୍ୟାଶନ, ବିଉଟି ଆଦି ବର୍ଗରେ ୨ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଅତିରିକ୍ତ ୫% ରିହାତି ପାଇପାରିବେ ।

ଗ୍ରାହକମାନେ ଆମାଜନ ନାଓରେ ଗଣେଶ ମୂର୍ତ୍ତି, ମୋଦକ, ମୃଦୁ ପାନୀୟ ଓ ଦୈନନ୍ଦିନ ସାମଗ୍ରୀ ଉପରେ ୬୫% ପର୍ଯ୍ୟନ୍ତ ରିହାତି ପାଇପାରିବେ ଯାହା ୫୫ରୁ ଅଧିକ ସହରରେ କିଛି ମିନିଟ୍ ମଧ୍ୟରେ ସୁବିଧାଜନକ ଲାଷ୍ଟ-ମିନିଟ ସପିଂ ପାଇଁ ପାର୍ବଣର ଜରୁରୀ ସାମଗ୍ରୀ ପ୍ରଦାନ କରୁଛି । ଗ୍ରାହକମାନେ ଏହି ଗଣେଶ ଚତୁର୍ଥୀ ଷ୍ଟୋରରେ ଫେଷ୍ଟିଭ ହୋମ୍ ଏସେନ୍ସିଆଲ ଯେପରିକି ହୋମ୍ ଡେକୋର, ଲାଇଟିଂ, ପୂଜା ସାମଗ୍ରୀ ଉପରେ ୮୦% ପର୍ଯ୍ୟନ୍ତ ରିହାତି, ମିଠା, ଡ୍ରାଏ ଫ୍ରୁଟ ଓ ଦୈନନ୍ଦିନ ରନ୍ଧନ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ରିହାତି, କୁର୍ତ୍ତା, ସଲୱାର, କୁର୍ତ୍ତି, ଶାଢୀ, ଦୁପଟ୍ଟା, ଜୁଏଲାରୀ, ଆକ୍‌ସେସରିଜ ଆଦି ଫେଷ୍ଟିଭ ୱେୟାର ଉପରେ ୮୦% ପର୍ଯ୍ୟନ୍ତ ରିହାତି ପାଇପାରିବେ । ଏହି ସପିଂ ସମୟରେ ଆମାଜନର ଏଆଇ ପରିଚାଳିତ ଟୁଲ୍ ଯେପରିକି ରୁଫସ୍, ଲେନ୍ସ ଏଆଇ, ରିଭ୍ୟୁ ହାଇଲାଇଟ, କ୍ୱିକ ଲର୍ଣ୍ଣ, ବାୟିଙ୍ଗ ଗାଇଡ୍‌ସ ଓ ପ୍ରାଇସ ହିଷ୍ଟ୍ରୀ ଆଦି ଗ୍ରାହକଙ୍କ ପାଇଁ ଅଧିକ ବ୍ୟକ୍ତିଗତ ସୁପାରିଶକୁ ସକ୍ଷମ କରି ସେମାନଙ୍କୁ ସଠିକ ଉତ୍ପାଦ ଅନ୍ୱେଷଣ କରିବାରେ ସାହାଯ୍ୟ କରିଥାଏ । ଶେଷ ସମୟରେ ପ୍ରସ୍ତୁତ ପାଇଁ ଗ୍ରାହକମାନେ ଆମାଜନ ନାଓରେ ପାର୍ବଣ ସାମଗ୍ରୀର ସପିଂ କରିପାରିବେ ଏବଂ ତାହାକୁ ୫୫ରୁ ଅଧିକ ସହରରେ 'ଡେଲିଭରଡ ଇନ୍ ମିନିଟ୍‌ସ'ରେ ପାଇପାରିବେ । ଗ୍ରାହକମାନେ ନିଜ ପରିବାର ଓ ପ୍ରିୟଜନଙ୍କ ସହ ଉତ୍ସବ ପାଳନ କରିବା ପାଇଁ ଏକ ବିସ୍ତୃତ ଶୃଙ୍ଖଳାର ଉତ୍ପାଦଗୁଡ଼ିକୁ ସୁବିଧାରେ ଅନ୍ୱେଷଣ କରିପାରିବେ । ସେହିପରି ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ମାଧ୍ୟମରେ ପ୍ରାଇମ ସଦସ୍ୟମାନେ ଅନ୍‌ଲିମିଟେଡ ୫% କ୍ୟାଶବ୍ୟାକ ଓ ଅଣ ପ୍ରାଇମ ସଦସ୍ୟମାନେ ୩% କ୍ୟାଶବ୍ୟାକ୍ ସହିତ ଯଥାକ୍ରମେ ୨୫୦୦ ଓ ୨୦୦୦ ଟଙ୍କା ମୂଲ୍ୟର ୱେଲକମ୍ ରିୱାର୍ଡ ପାଇପାରିବେ । ଗ୍ରାହକମାନେ ୫୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ସପିଂ ଉପରେ ୧୦୦ ଟଙ୍କା କ୍ୟାଶବ୍ୟାକ ପାଇପାରିବେ । ଆମାଜନ ପେକ୍ଷରୁ ଫ୍ଲାଇଟ ବୁକିଂ ଉପରେ ୧୫% ପର୍ଯ୍ୟନ୍ତ ଓ ହୋଟେଲ ବୁକିଂ ଉପରେ ୩୫% ପର୍ଯ୍ୟନ୍ତ ରିହାତି ଦେଉଥିବା ବେଳେ ବସ୍ ଟିକେଟ ବୁକିଂ ଉପରେ ୧୫% ପର୍ଯ୍ୟନ୍ତ ରିହାତି ଦେଉଛି ଯାହାଫଳରେ ସପିଂଠାରୁ ଆରମ୍ଭ କରି ଭ୍ରମଣ ପର୍ଯ୍ୟନ୍ତ ଆମାଜନ ପେ' ସବୁକିଛିକୁ ରିୱାର୍ଡିଙ୍ଗ କରିଛି ।

ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦ ଉନ୍ମୋଚିତ

ଭୁବନେଶ୍ୱର, ୧୩।୯ (ନି.ପ୍ର) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ୨୦୨୬ରେ ନୂତନ କ୍ଷମତାଗୁଡ଼ିକ ସହିତ ଏହାର ପାର୍ଟନର ଷ୍ଟାକ୍‌କୁ ଅପ୍‌ଗ୍ରେଡକରି 'ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦' ଭାବେ ଅବସ୍ଥାପିତ କରିଛି । ଏହି ଷ୍ଟାକ୍ ବିକ୍ରି, ନିଯୁକ୍ତି ଓ ଗ୍ରାହକ ସେବା କ୍ଷେତ୍ରରେ କମ୍ପାନୀର ପରାମର୍ଶଦାତା ଏବଂ ବିତରଣ ନେଟ୍‌ୱର୍କକୁ ସମର୍ଥନ କରିବା ପାଇଁ ଏଆଇ-ସକ୍ଷମ ଟୁଲ୍, ଗଭୀର ପାର୍ଟନର-ସିଷ୍ଟମ ସମନ୍ୱୟ ଓ ଡିଜିଟାଲ କ୍ଷମତାଗୁଡ଼ିକୁ ଏକତ୍ରିତ କରିଛି । ପରାମର୍ଶଦାତା ଓ ବିତରଣ ସହଯୋଗୀଙ୍କୁ ପ୍ରାସଙ୍ଗିକ ସମାଧାନଗୁଡ଼ିକୁ ଚିହ୍ନଟ କରିବା, କ୍ୱଟେଶନ (ଉଦ୍ଧୃତି) ପ୍ରସ୍ତୁତ କରିବା, ଗ୍ରାହକଙ୍କୁ ନିୟୋଜିତ କରିବା ଏବଂ ସେମାନଙ୍କୁ ଡିଜିଟାଲ ମାଧ୍ୟମରେ ସେବା ପ୍ରଦାନ କରିବା ପାଇଁ ସକ୍ଷମ କରି ଗ୍ରାହକଙ୍କ ଯାତ୍ରାକୁ ସରଳ କରିବା ଲାଗି ଏହି ଅପ୍‌ଗ୍ରେଡକୁ ଡିଜାଇନ କରାଯାଇଛି । ଏହାର ଇକୋଟ୍ ଆପ୍ ଗ୍ରାହକଙ୍କ ଶ୍ରେଣୀ ଓ ଜୀବନ ପର୍ଯ୍ୟାୟ ଉପରେ ଆଧାର କରି ଉପଯୁକ୍ତ ଉତ୍ପାଦ ସୁପାରିଶ କରିବା ପାଇଁ ଏକ ଏଆଇ-ଆଧାରିତ ପ୍ରଡକ୍ଟ ରେକମେଣ୍ଡରର ବ୍ୟବହାର କରିଥାଏ, ଏଥିସହିତ ପରାମର୍ଶଦାତାଙ୍କୁ ପର୍ସନାଲାଇଜ୍‌ଡ କୋଟେଶନ ପ୍ରସ୍ତୁତ କରିବା ଓ ସେୟାର କରିବା ପାଇଁ ସକ୍ଷମ କରିଥାଏ । ଏହାର ଏଆଇ-ସକ୍ଷମ ଚାଟ୍‌ବୋଟ ଲିଭା ଏକ ପାରସ୍ପରିକ ଇଂଟରଫେସ ପ୍ରଦାନ କରିଥାଏ ଯାହା ପରାମର୍ଶଦାତାଙ୍କୁ ଗ୍ରାହକଙ୍କ ସହ ଯୋଗାଯୋଗ କରିବା ସହିତ ପ୍ରଡକ୍ଟ ଫିଚର ଓ କୋଟେଶନଗୁଡ଼ିକୁ ଆକ୍‌ସେସ କରିବାରେ ସାହାଯ୍ୟ କରିଥାଏ । ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦ ସମ୍ପର୍କରେ ମତ ରଖି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିଶ ବ୍ୟାଙ୍କର କହିଛନ୍ତି, 'ଆମର ପରାମର୍ଶଦାତା ଓ ବିତରଣ ସହଯୋଗୀମାନେ ଗ୍ରାହକଙ୍କୁ ଜୀବନ ବୀମା ଉତ୍ପାଦଗୁଡ଼ିକୁ ଭଲ ଭାବରେ ବୁଝିବା ଓ ହାସଲ କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ ୨.୦ ସେମାନଙ୍କୁ ଡିଜିଟାଲ ଓ ଏଆଇ-ସକ୍ଷମ ଟୁଲ୍ ଦେବା ପାଇଁ ଲକ୍ଷ୍ୟ ରଖିଛି ଯାହା ଉପଯୁକ୍ତ ସମାଧାନ ଚୟନ କରିବା ଓ କୋଟେଶନ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଅନ୍‌ବୋର୍ଡିଂ ଓ ସେବା ପ୍ରଦାନ କରିବା ପର୍ଯ୍ୟନ୍ତ, ପ୍ରତିଦିନର ପରିଚାଳନାକୁ ସରଳ ଓ ଗ୍ରାହକ-ଅନୁକୂଳ କରିବ ।

ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ) ପକ୍ଷରୁ କର୍ଣ୍ଣାଟକ ସରକାରଙ୍କ ସହ ସହଯୋଗିତାରେ ଟିସିଏସ୍ ଗ୍ରାମୀଣ ଆଇଟି କୁଇଜର ୨୭ତମ ସଂସ୍କରଣ ଶୁଭାରମ୍ଭ

ଭୁବନେଶ୍ୱର, ୧୨।୯ (ନି.ପ୍ର) : ଆଇଟି ସେବା, ପରାମର୍ଶ ଓ ବ୍ୟବସାୟିକ ସମାଧାନର ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ସଂସ୍ଥା ଟାଟା କନସଲଟେନ୍ସି ସର୍ଭିସେସ୍ (ଟିସିଏସ୍) ଓ କର୍ଣ୍ଣାଟକ ସରକାରଙ୍କ ଇଲେକ୍ଟ୍ରୋନିକ୍ସ, ଆଇଟି ଓ ବିଟି ବିଭାଗ ପକ୍ଷରୁ ଟିସିଏସ୍ ଗ୍ରାମୀଣ ଆଇଟି କୁଇଜ୍ର ୨୭ତମ ସଂସ୍କରଣ ପାଇଁ ପାକରଣ ଘୋଷଣା କରାଯାଇଛି । ବେଙ୍ଗାଲୁରୁ ଟେକ୍ ସମିଟ୍ ୨୦୨୬ର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଟିସିଏସ୍ ଗ୍ରାମୀଣ ଆଇଟି କୁଇଜରେ ଅନଲାଇନ୍ ପରୀକ୍ଷା, ଭର୍ଚୁଆଲ୍ କୁଇଜ୍ ପର୍ଯ୍ୟାୟ ଓ ସମ୍ମୁଖୀନ ପ୍ରତିଯୋଗିତାର ଏକ ମିଶ୍ରଣ ରହିବ । ଏହି କୁଇଜ୍ ଭାରତ ସାରା ଛୋଟ ସହର ଓ ଜିଲ୍ଲାଗୁଡ଼ିକରେ ପଢୁଥିବା ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଖୋଲା ରହିଛି । ତେବେ ଏହି କୁଇଜ୍ ପୌର ନିଗମ ସୀମା ମଧ୍ୟରେ ଥିବା ବିଦ୍ୟାଳୟଗୁଡ଼ିକ ପାଇଁ ଖୋଲା ରହିବ ନାହିଁ । ଗ୍ରାମୀଣ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାରତର ପ୍ରଥମ ଆଇଟି କୁଇଜ୍ ଭାବରେ ଲିମକା ବୁକ୍ ଅଫ୍ ରେକର୍ଡସ ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଟିସିଏସ୍ ଗ୍ରାମୀଣ ଆଇଟି କୁଇଜ୍ ଯୁବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି କୁଇଜ୍ କୃତ୍ରିମ ବୁଦ୍ଧିମତା (ଏଆଇ), କ୍ଲାଉଡ୍ କମ୍ପ୍ୟୁଟିଂ, ବ୍ୟବସାୟ ଓ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ବିଭିନ୍ନ ବିଷୟକୁ ଅନ୍ତର୍ଭୁକ୍ତ କରିଛି ଯାହା ବ୍ୟାଙ୍କିଂ, ଶିକ୍ଷା, ମନୋରନ, ରୋବୋଟିକ୍ସ, ମିଡିଆ, କ୍ରୀଡ଼ା, ଗେମିଂ ଏବଂ ସୋସିଆଲ୍ ନେଟୱର୍କିଂ ଭଳି କ୍ଷେତ୍ରଗୁଡ଼ିକରେ ଆଇଟିର ପ୍ରଭାବକୁ ଦର୍ଶାଉଛି । ଏହି ପ୍ରତିଯୋଗିତାର ଏକ ଅଂଶ ଭାବରେ ଆଠଟି ଆଂଚଳିକ ଫାଇନାଲ୍ ପରିଚାଳିତ ହେବ ଯେଉଁଥିରେ ବିଜେତାମାନେ ୨୦୨୬ ନଭେମ୍ବର ରେ ବେଙ୍ଗାଲୁରୁରେ ହେବାକୁ ଥିବା ଜାତୀୟ ଫାଇନାଲକୁ ଉନ୍ନୀତ ହେବେ । ସମସ୍ତ ଆଂଚଳିକ ବିଜେତା ଓ ରନର୍ସଅପ୍ ଯଥାକ୍ରମେ ୧୦,୦୦୦ ଟଙ୍କା ଓ ୭,୦୦୦ ଟଙ୍କାର ଉପହାର ଭାଉଚର ଗ୍ରହଣ କରିବେ । ଜାତୀୟ ବିଜେତା ଓ ରନର୍ସଅପ୍ ଅତିରିକ୍ତ ଭାବରେ ୫୦,୦୦୦ ଟଙ୍କା ଓ ୫୦,୦୦୦ ଟଙ୍କାର ଟିସିଏସ୍ ଶିକ୍ଷା ସ୍କଲାରସିପ୍ ପାଇବେ । ଛାତ୍ରଛାତ୍ରୀମାନେ ୨୦୨୬ ସେପ୍ଟେମ୍ବର ୩୦ ପୂର୍ବରୁ : https://iur.ls/TCSRIT/Quiz୨୦୨୬ ରେ କୁଇଜ୍ ପାଇଁ ପଂଜିକରଣ କରିପାରିବେ । ଏହାର ପୂର୍ବ ସଂସ୍କରଣରେ ଏହି କୁଇଜ୍ ୨୮ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଂଚଳରୁ ୫.୬୨ ଲକ୍ଷରୁ ଅଧିକ ପ୍ରତିଯୋଗୀଙ୍କୁ ଆକର୍ଷିତ କରିଥିଲା । ଟିସିଏସ୍ ୨୦୦୦ରୁ କର୍ଣ୍ଣାଟକ ସରକାରଙ୍କ ଇଲେକ୍ଟ୍ରୋନିକ୍ସ, ଆଇଟି, ବିଟି ଓ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମିଳିତ ସହଯୋଗରେ ଗ୍ରାମୀଣ ଆଇଟି କୁଇଜ୍ ଆୟୋଜନ କରୁଛି । ଭାରତ ସାରା ଛୋଟ ସହର ଓ ଜିଲ୍ଲାଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଇଟି ସଚେତନତା ବୃଦ୍ଧି କରିବା ଓ ସେମାନଙ୍କୁ ପ୍ରଯୁକ୍ତିବିଦ୍ୟା ଦୁନିଆର ସର୍ବୋତ୍ତମ ବିକାଶ ବିଷୟରେ ସୂଚିତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆଜି ପର୍ଯ୍ୟନ୍ତ ୨୨.୪ ନିୟୁତରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିପାରିଛି ।

ହାତୀ ମାଧୁରୀ କୋହ୍ଲାପୁର ଫେରିବ; ଯତ୍ନ ନେବାରେ ସହଯୋଗ କରିବ 'ବନତାରା'

କାମନଗର, ୧୩।୯ (ନି.ପ୍ର) : ପ୍ରାୟ ଏକ ବର୍ଷ ପରେ, ହାତୀ 'ମାଧୁରୀ' ପାଇଁ ତାଙ୍କର ପୂର୍ବ ବାସସ୍ଥାନ - କୋହ୍ଲାପୁରର ନନ୍ଦନୀ ମଠକୁ ଫେରିବାର ରାସ୍ତା ପରିଷ୍କାର ହୋଇଛି । ଉଚ୍ଚ-ସ୍ତରୀୟ କମିଟିର ଅନୁମୋଦନ ପରେ ମାଧୁରୀକୁ କୋହ୍ଲାପୁରକୁ ଫେରାଇ ନିଆଯାଉଛି । 'ବନତାରା' ପକ୍ଷରୁ ପ୍ରକାଶ କରାଯାଇଛି ଯେ ସେ ଏହି ନିଷ୍ପତ୍ତିକୁ ସମ୍ମାନ କରିବ ଏବଂ ଆଗକୁ ମଧ୍ୟ ମାଧୁରୀଙ୍କ ଯତ୍ନରେ ସହଯୋଗ ଜାରି ରଖିବ । ଉଚ୍ଚ-ସ୍ତରୀୟ କମିଟିର ନିର୍ଦ୍ଦେଶକ୍ରମେ ୨୦୨୫ ପରବର୍ତ୍ତୀ ସମୟରେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ମାମଲାର ପୁନଃ ଶୁଣାଣି ହୋଇଥିଲା ଏବଂ ନନ୍ଦନୀ ମଠର ସୁବିଧାଗୁଡ଼ିକର ଯାଞ୍ଚ କରାଯାଇଥିଲା । ମାଧୁରୀକୁ ନନ୍ଦନୀକୁ ଫେରିବା ପାଇଁ ଅନୁମତି ଦେବା ସମୟରେ, କମିଟି ଏହାର ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସର୍ତ୍ତ ଧାର୍ଯ୍ୟ କରିଛି । ମାଧୁରୀକୁ କୌଣସି କାମରେ ଲଗାଯିବ ନାହିଁ କିମ୍ବା ଶୋଭାଯାତ୍ରା ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ । ବାଧ୍ୟତାମୂଳକ ସର୍ତ୍ତ ମଧ୍ୟରେ ୨୪ ଘଣ୍ଟିଆ ଯତ୍ନ ଏବଂ ପ୍ରତି ୧୫ ଦିନରେ ସ୍ୱାସ୍ଥ୍ୟ ପରୀକ୍ଷା ଅନ୍ତର୍ଭୁକ୍ତ ରହିଛି । ବନତାରା ସୂଚନା ଅନୁଯାୟୀ ଚିକିତ୍ସା ଏବଂ ପଶୁ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ମସହା ଜୁଲାଇ ୩୦ ତାରିଖରେ ମାଧୁରୀକୁ ବନତାରାକୁ ଅଣାଯାଇଥିଲା । ବନତାରା ଅନୁଯାୟୀ, ସଂସ୍ଥା ମାଧୁରୀର କଷ୍ଟତି ଦାବି କରିନଥିଲା, ବରଂ ସରକାରୀ ନିର୍ଦ୍ଦେଶ ପରେ ଏହାର ଯତ୍ନ ନେବାର ଦାୟିତ୍ୱ ଗ୍ରହଣ କରିଥିଲା ।

ମାଧୁରୀଙ୍କ ସ୍ୱାସ୍ଥ୍ୟ ସ୍ଥିର ହୋଇଥିଲେ ମଧ୍ୟ, ଏହାର ପୂର୍ବରୁ ରହିଥିବା ସ୍ୱାସ୍ଥ୍ୟଗତ ସମସ୍ୟା ଦୃଷ୍ଟିରୁ ନିୟମିତ ଯତ୍ନ ଜରୁରୀ ଅଟେ । ଏଥିପାଇଁ ନନ୍ଦନୀକୁ ଫେରିବା ପରେ ମଧ୍ୟ ବନତାରାର ପଶୁଚିକିତ୍ସକ ପ୍ରତି ୧୫ ଦିନରେ ଏହାର ସ୍ୱାସ୍ଥ୍ୟ ପରୀକ୍ଷା କରିବେ ଏବଂ ଆବଶ୍ୟକ ସ୍ଥଳରେ ଏହାର ଚିକିତ୍ସାରେ ସହାୟତା କରିବେ । ବନତାରା ପକ୍ଷରୁ ମଧ୍ୟ ନନ୍ଦନୀରେ ମାଧୁରୀର ରହିବା ବ୍ୟବସ୍ଥାକୁ ଉନ୍ନତ କରିବାରେ ସହଯୋଗ କରାଯାଇଛି । ଏଥିମଧ୍ୟରେ ରହିଛି ଜରୁରୀ ଚିକିତ୍ସା ସୁବିଧା, ଉପକରଣ, ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ । ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି ଯେ ଆଗକୁ ମଧ୍ୟ ଆବଶ୍ୟକ ପଡିଲେ ଏହା ନନ୍ଦନୀ ମଠ ଓ ସ୍ଥାନୀୟ ଅଧିକାରୀଙ୍କ ସହାୟତା ପାଇଁ ପ୍ରସ୍ତୁତ ରହିବ । ବନତାରା ପକ୍ଷରୁ କୁହାଯାଇଛି ଯେ ମାଧୁରୀ ଫେରିବାର ଫଇସଲାରେ ଏହାର ସ୍ୱାସ୍ଥ୍ୟ ଓ ସୁରକ୍ଷା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ରହିଛି । ସଂସ୍ଥା ପକ୍ଷରୁ ସୁପ୍ରିମକୋର୍ଟ, ବମ୍ବେ ହାଇକୋର୍ଟ, ଉଚ୍ଚ-କ୍ଷମତା ସମ୍ପନ୍ନ କମିଟି ଏବଂ ମହାରାଷ୍ଟ୍ର ଓ ଗୁଜୁରାଟ ସରକାରଙ୍କୁ କୃତଜ୍ଞତା ଜଣାଇ ପ୍ରକାଶ କରାଯାଇଛି ଯେ ମାଧୁରୀ ଯେଉଁଠାରେ ମଧ୍ୟ ରହୁନା କାହିଁକି, ଏହାର ଉତ୍ତମ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ଦୀର୍ଘଜୀବନ ସର୍ବୋଚ୍ଚ ପ୍ରାଥମିକତା ହୋଇରହିବ ।

ପାର୍ବଣ ଋତୁରେ ବିଦ୍ୟୁତ ସୁରକ୍ଷା ନେଇ ସତର୍କତାମୂଳକ ନିର୍ଦ୍ଦେଶାବଳୀ ଜାରି କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ୧୩।୯ (ନି.ପ୍ର) : ପାର୍ବଣ ଋତୁ ଆସୁଥିବା ବେଳେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ଦକ୍ଷିଣ ଓଡ଼ିଶାର ସମସ୍ତ ପୂଜା କମିଟି, ଆୟୋଜକ, ବ୍ୟବସାୟୀ, ଅଭିଭାବକ ଏବଂ ସାଧାରଣ ନାଗରିକଙ୍କୁ ପୂଜା ଓ ପାର୍ବଣ ସମୟରେ ବିଦ୍ୟୁତ ଶକ୍ତିର ସୁରକ୍ଷିତ ବ୍ୟବହାର ସହିତ ଆବଶ୍ୟକ ବିଦ୍ୟୁତ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରିଛି । ପୂଜା ସମୟରେ ଅସ୍ଥାୟୀ ପୂଜା ମଣ୍ଡପ, ସାଜସଜ୍ଜା, ଷ୍ଟଲ ଏବଂ ବହୁ ସଂଖ୍ୟକ ଲୋକଙ୍କ ସମାଗମ ବଢ଼

ଡିଜେ ସାଉଣ୍ଡକୁ ନେଇ କଡ଼ା ଚେତାବନୀ ଦେଲେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ

ଜିଲ୍ଲା ବାହାରୁ ଆସୁଥିବା ଡ଼ିଜେ ସାଉଣ୍ଡକୁ ନେଇ ସତର୍କ ଘଣ୍ଟି ଦେଲେ ଶିଶିର

ପାରାଦ୍ୱୀପ - ଆସୁଛି ପାର୍ବଣ, ଯାହାକୁ ନେଇ ସହର ଠାରୁ ପୁରପଲ୍ଲୀ ହୋଇଉଠିଛି ଉତ୍ସବ ମୁଖର କ୍ଷ ସୋମବାର ଆଗ୍ରପୂଜ୍ୟ ଗଜାନନ ଙ୍କ ପୂଜା ଥିବାବେଳେ ଆଉ ଦିନ କେତୋଟି ପରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା କ୍ଷ ଯାହାକୁ ନେଇ ବିଭିନ୍ନ ପୂଜା କମିଟି ତରଫରୁ ଚଳିତ ବର୍ଷର ପୂଜାକୁ ଶାନ୍ତି ଶୃଙ୍ଖଳା ସହିତ ଶ୍ରଦ୍ଧାଳୁ ମାନଙ୍କୁ ଆକୃଷ୍ଟ କରିବାସହ ପୁରସ୍କାର ପାଇଁ ଏକ ରକମ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି । ବିଭିନ୍ନ ଟେଣ୍ଟ ,ଲାଇଟ, ସାଉଣ୍ଡ, ତୋରଣ, ରଙ୍ଗ ବେରଙ୍ଗ ମୂର୍ତ୍ତି କୁ ଆକର୍ଷଣୀୟ କରି ଚାଲିଥିଲା ବେଳେ ଭଷାଣି କୁ କିଭଳି ଆକର୍ଷଣୀୟ କରାଯିବ ଏ ନେଇ ବିଭିନ୍ନ ଡିଜେ ବୁକିଂ କରିବାରେ ଲାଗିପଡିଛନ୍ତି କ୍ଷ ଡିଜେ ସାଉଣ୍ଡ ଉପରେ ଅନେକ କାଇଦା କଟକଣା କୁ ଦୃଷ୍ଟି ରେ ରଖି କିଭଳି ବାହାର ଜିଲ୍ଲା ମାନଙ୍କରୁ ଆସୁଥିବା ଡିଜେ ସାଉଣ୍ଡ ଉପରେ ରୋକ ଲଗାଇବାକୁ ଜଗତସିଂହପୁର ଜିଲ୍ଲା ର ଟେଣ୍ଟ, ଲାଇଟ, ସାଉଣ୍ଡ ର ପ୍ରତିଷ୍ଠିତ ସଂଗଠନ ଶ୍ରୀଜଗନ୍ନାଥ ଟେଣ୍ଟ, ଲାଇଟ, ସାଉଣ୍ଡ ଆସୋସିଏସନ ତରଫରୁ ରାହାମା ଠାରେ ରହିଥିବା ନିୟୁ ଜିତ ମଣ୍ଡପ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଜିଲ୍ଲା ଟେଣ୍ଟ, ଲାଇଟ, ସାଉଣ୍ଡ ଆସୋସିଏସନ ର ସଭାପତି ଶିଶିର କୁମାର ଦାସ ଙ୍କ ତତ୍ତ୍ୱାବଧାନ

ରେ ଆୟୋଜିତ ସଭାରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ବାବୁରାଓ ମାଣେ , ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଙ୍କ ସମେତ ଜଗତସିଂହପୁର ଜିଲ୍ଲା ର ବିଭିନ୍ନ ଥାନା ର ଥାନା ଅଧିକାରୀ ଜିଲ୍ଲା ର ସମସ୍ତ ଟେଣ୍ଟ, ଲାଇଟ, ସାଉଣ୍ଡ ମାଲିକ ମାନେ ଯୋଗଦାନ କରିଥିଲେ କ୍ଷ ସାଧାରଣ ଲୋକଙ୍କ ସୁରକ୍ଷା କୁ ଦୃଷ୍ଟି ରେ ରଖି ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଙ୍କ କଡ଼ା ନିର୍ଦ୍ଦେଶ କ୍ରମେ ରାତି ଦଶଟା ମଧ୍ୟରେ ମେଲୋଡି ହେଉ କିମ୍ବା ଭଷାଣି କାର୍ଯ୍ୟକ୍ରମ ବନ୍ଦ କରିବାକୁ ଦେଇଥିବା ନିର୍ଦ୍ଦେଶ କୁ ପାଳନ କରି ଜିଲ୍ଲା ର ସମସ୍ତ ପୂଜା ଅନୁଷ୍ଠାନ ଗୁଡିକ ସମୟ ଅନୁସାରେ କାର୍ଯ୍ୟକ୍ରମ ସାରିବାକୁ ଦେଇଥିବା ନିର୍ଦ୍ଦେଶକୁ ସମସ୍ତେ ପାଳନ କରିବାକୁ ଶିଶିର ଦାସ ସମସ୍ତଙ୍କୁ ନିବେଦନ କରି କହିଥିଲେ । କ୍ଷଯଦି କୌଣସି ଅନୁଷ୍ଠାନ ଏଥିରେ ବାଧକ ସୃଷ୍ଟି କରନ୍ତି ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ କହିଛନ୍ତି ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମାଣେ କ୍ଷ ପୋଲିସ ପ୍ରଶାସନ ତରଫରୁ ଯେଉଁଭଳି ଗାଇଡ଼ ଲାଇନ ରହିଛି ତାହାକୁ ପାଳନ କରି ଜିଲ୍ଲା ର ସମସ୍ତ ଟେଣ୍ଡ, ଲାଇଟ ସାଉଣ୍ଡ ଅନୁଷ୍ଠାନ ଗୁଡିକ ପାଳନ କରିବା ସହିତ ପୂଜା କମିଟି ମାନଙ୍କୁ ମଧ୍ୟ ସହଯୋଗ କରିବାକୁ ନିବେଦନ କରାଯାଇଛି କ୍ଷ ଆମ ଜିଲ୍ଲା ରେ ଡିଜେ ଭଳି ଅତ୍ୟଧିକ ସାଉଣ୍ଡ କୁ ଆମେ ପ୍ରତ୍ୟାଖ୍ୟାନ କରିଛୁ, ଯଦି କେହି ଅତ୍ୟଧିକ ସାଉଣ୍ଡ ଡିଜେ ବ୍ୟବହାର କରେ ଆମେ ପୋଲିସ କୁ ଅବଗତ କରାଇବା ସହିତ ତୁରନ୍ତ ଉକ୍ତ ଅନୁଷ୍ଠାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ଦୃଢତାର ସହ କହିଛନ୍ତି ଜଗନ୍ନାଥ ଟେଣ୍ଡ, ଲାଇଟ, ସାଉଣ୍ଡ ଆସୋସିଏସନ ର ସଭାପତି ଶିଶିର କୁମାର ଦାସ କ୍ଷ ଏହି ପରିପ୍ରେକ୍ଷୀରେ ଜିଲ୍ଲା ର ସମସ୍ ଥାନା ଅଧିକାରୀ ମାନଙ୍କୁ ଜଗନ୍ନାଥ ଟେଣ୍ଡ ଲାଇଟ ସାଉଣ୍ଡ ଆସୋସିଏସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ରାୟଗଡ଼ା-କୋରାପୁଟ-ଜୟପୁର ରେଳ ସେକ୍ସନ୍ ପରିଦର୍ଶନ

ଭୁବନେଶ୍ୱର, ସେପ୍ଟେମ୍ବର ୧୩, ୨୦୨୬:ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରାୟଗଡ଼ା-କୋରାପୁଟ-ଜୟପୁର ରେଳ ସେକ୍ସନ୍ ପରିଦର୍ଶନ କରି ଏହି ସେକ୍ସନ୍ ?ର ସାମଗ୍ରିକ ଟ୍ରେନ୍ ପରିଚାଳନା, ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି ।ପରିଦର୍ଶନ ସମୟରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ରାୟଗଡ଼ାରୁ ଜୟପୁର ପର୍ଯ୍ୟନ୍ତ ଡ୍ରିଣ୍ଡୋ ଟ୍ରେଲିଂ କରି ରେଳପଥର ସ୍ଥିତି, ସିଗନାଲିଂ ବ୍ୟବସ୍ଥା, ଟ୍ରେନ୍ ପରିଚାଳନା ଏବଂ ରେଳ ମାର୍ଗରେ ଚାଲୁରହିଥିବା ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅନୁଧ୍ୟାନ କରିଥିଲେ ।

ମହାପ୍ରବନ୍ଧକ ମଧ୍ୟ ସିଙ୍ଗାପୁର ରୋଡ୍-କୋରାପୁଟ ରେଳ ସେକ୍ସନ୍ ?ରେ ଚାଲୁରହିଥିବା ରେଳପଥ ଦୋହରୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଇଞ୍ଜିନିୟରିଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅବଗତ ହୋଇଥିଲେ । ରେଳପଥର କ୍ଷମତା ବୃଦ୍ଧି, ଅଧିକ ସୁଗମ ଟ୍ରେନ୍ ପରିଚାଳନା ଏବଂ ଅଞ୍ଚଳରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ପ୍ରକଳ୍ପର ବିଶେଷ ଗୁରୁତ୍ୱ ରହିଛି । ଏହା ଅଞ୍ଚଳର ସାମଗ୍ରିକ ସାମାଜିକ ଓ ଆର୍ଥିକ ବିକାଶକୁ ମଧ୍ୟ ସହାୟତା କରିବ ।

ଶ୍ରୀ ଫୁଙ୍କୱାଲ ରେଳ ସେକ୍ସନ୍ ?ର ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଏବଂ ନିରାପଦ ଓ ଦକ୍ଷ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପର ସମୀକ୍ଷା କରିଥିଲେ । ଏଥିସହିତ ସେ ବିଭିନ୍ନ ଷ୍ଟେସନ୍ ?ରେ ଯାତ୍ରୀ ସୁବିଧା, ଭିତ୍ତିଭୂମି ବିକାଶ, ପରିମଳ ବ୍ୟବସ୍ଥା ଏବଂ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରିଥିଲେ ।ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ଉଚ୍ଚମାନର ଗୁଣବତ୍ତା ଓ କାର୍ଯ୍ୟସ୍ଥଳୀ ସୁରକ୍ଷା ବଜାୟ ରଖି ସମୟୋଚିତ ଭାବେ ସମ୍ପନ୍ନ କରିବା ସହ ଯାତ୍ରୀମାନଙ୍କୁ ସର୍ବୋତ୍ତମ ସୁବିଧା ନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ପରିଦର୍ଶନ ସମୟରେ ମହାପ୍ରବନ୍ଧକ ରେଳ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରି ସୁରକ୍ଷା, ବିଶ୍ୱସନୀୟତା ଓ ଯାତ୍ରୀ ସେବାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ । ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକର ଅଗ୍ରଗତିକୁ ନିକଟରୁ ତଦାରଖ କରିବା ସହ ସେଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ପୂର୍ବତଟ ରେଳପଥର ଅନ୍ୟ ପ୍ରମୁଖ ବିଭାଗୀୟ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପ୍ରମୁଖ ମୁଖ୍ୟ ବିଦ୍ୟୁତ ଇଞ୍ଜିନିୟର, ମୁଖ୍ୟ ସେତୁ ଇଞ୍ଜିନିୟର, ମୁଖ୍ୟ ସିଗନାଲ ଓ ଟେଲିକମ୍ ଇଞ୍ଜିନିୟର/ନିର୍ମାଣ ଏବଂ ରାୟଗଡ଼ା ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଉପସ୍ଥିତ ଥିଲେ ।

ଅନୁଗୁଳ ଜିଲ୍ଲା ମହିଳା କଂଗ୍ରେସ କମିଟି ଗଠିତ

ଅନୁଗୋଳ(ମନ୍ଥନ): ଅନୁଗୋଳ ଜିଲ୍ଲା ମହିଳା କଂଗ୍ରେସର ନୂତନ ଜିଲ୍ଲା କମିଟି ସହିତ ବିଭିନ୍ନ ବ୍ଲକ, ମ୍ୟୁନିସିପାଲିଟି ଓ ଏନଏସିର ମହିଳା କଂଗ୍ରେସ ସଭାପତିମାନଙ୍କ ନାମକୁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଆନୁଷ୍ଠାନିକ ଭାବେ ଅନୁମୋଦନ କରିଛନ୍ତି । ଅନୁମୋଦନ ପତ୍ରରେ ଅନୁଗୁଳ ଜିଲ୍ଲା ମହିଳା କଂଗ୍ରେସ କମିଟିର ଉପସଭାନେତ୍ରୀ ଭାବେ ନମିତା ମିଶ୍ର, ନିଳକମଳ ସେଠୀ, କୁନ୍ତଳା ବେହେରା, ସୁକେସିନୀ ଓରାମ ଥିବା ବେଳେ ସାଧାରଣ ସଂପାଦିକା ଭାବେ ଦୀପିକା ପଟ୍ଟନାୟକ, ଅମ୍ବିକା ବିଶ୍ୱାଳ, ଗୌରୀ ନାଏକ, କବିତା ଦାସ, ଅଞ୍ଜନା ରାଣୀ ମହାରଣା, ସବିତା ନାଏକ, ଲୋପିତା ରାଣୀ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି । ସେହିପରି ସଂପାଦିକା ଭାବେ ଅକ୍ଷର ପ୍ରଧାନ, କବିତା ବିଶ୍ୱାଳ, ପଲ୍ଲବୀ ନନ୍ଦ, ଅର୍ଚ୍ଚନା ନାୟକ, ଭାରତୀ ମିଶ୍ର, ଉଷାରାଣୀ ବେହେରା, ନିର୍ମଳା ସେଠୀ, ମିନତୀ ବେହେରା, ଲକ୍ଷ୍ମୀ ବେହେରା, ବନୀତା ନାହାକ, ସୁଲୋଚନା ସାହୁ, ସୁଷମା ବେହେରା, ସଂଯୁକ୍ତା ପ୍ରଧାନ, ଜୟନ୍ତୀ ପ୍ରଧାନ, ଜ୍ୟୋତିର୍ମୟୀ ପଣ୍ଡା, ସବିତା ନାଏକ ପ୍ରମୁଖ ମନୋନୀତ ହୋଇଥିବା ବେଳେ ଅନୁଗୋଳ ନଗର ମହିଳା କଂଗ୍ରେସ ସଭାନେତ୍ରୀ ଭାବେ କସିଦା ଖାନ, ଅନୁଗୋଳ ବ୍ଲକ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଭୂୟାଁ, ତାଳଚେର ବ୍ଲକ ସଭାନେତ୍ରୀ ଭାବେ ପୁଷ୍ପଲତା ପ୍ରଧାନ, କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ମାହେଶ୍ୱରୀ ନାଏକ, ତାଳଚେର ନଗର ସଭାନେତ୍ରୀ ଭାବେ କବିତା ମହାରଣା, ଛେଣ୍ଡିପଦା ବ୍ଲକ୍ ସଭାନେତ୍ରୀ ଭାବେ ମୋନାଲିସା ପ୍ରଧାନ, ଆଠମଲ୍ଲିକ ବ୍ଲକ ପାଇଁ ମିଲ୍ଲି ସାହୁ, ଆଠମଲ୍ଲିକ ନଗର ପାଇଁ ପ୍ରଭାତୀ ନାଏକ, କିଶୋରନଗର ପାଇଁ ତପସ୍ୱିନୀ ପ୍ରଧାନ, ବଅଁରପାଳ ପାଇଁ ସ୍ମୃତି ପ୍ରଧାନଙ୍କୁ ସଭାନେତ୍ରୀ ଭାବେ ଚୟନ କରାଯାଇଛି । ଏହି ଅନୁମୋଦନ ପରେ ଅନୁଗୋଳ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ରାଣୀ ଧୀର କହିଛନ୍ତି ଯେ, "ଅନୁଗୋଳ ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳର ମହିଳାଙ୍କୁ ସଂଗଠିତ କରି ସେମାନଙ୍କୁ ରାଜନୈତିକ ଓ ସାମାଜିକ ଭାବେ ସଶକ୍ତ କରିବା ଆମର ପ୍ରମୁଖ ଲକ୍ଷ୍ୟ । ନୂତନ ଟିମର ସହଯୋଗରେ ତୃଣମୂଳ ସ୍ତରରୁ ମହିଳା କଂଗ୍ରେସକୁ ସୁସଙ୍ଗଠିତ କରି ସୁଦୃଢ଼ କରାଯିବ ।" ସେ ନୂତନ କମିଟିର ସମସ୍ତ ପଦାଧିକାରୀ ଓ ବ୍ଲକ, ସହରାଞ୍ଚଳ ସଭାପତିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ମହିଳାଙ୍କ ସ୍ୱରକୁ ଆହୁରି ଶାଣିତ ଓ ଶକ୍ତିଶାଳୀ କରିବା ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦେଇଛନ୍ତି ।

ଜରପଡା: ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ଛେଣ୍ଡିପଦା(ମନ୍ଥନ)- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟର ଉନ୍ନତି ନିମନ୍ତେ ପ୍ରଧାନ ଶିକ୍ଷୟତ୍ରୀ ସବିତା ରାଣୀ ସାହୁ ଙ୍କ ସଭାପତିତ୍ୱରେ ଏକ ସଭା ଆଜି ଅପରାହ୍ନ ୨ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବିଦ୍ୟାଳୟ ର ପରିଚାଳନା

କମିଟି ସଭାପତି ନିର୍ମଳ ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଦସ୍ୟ ରସାନନ୍ଦ ସାହୁ , ଜରପଡା ଗ୍ରାମ ସଭାପତି ତ୍ରିନାଥେଶ୍ୱର ପ୍ରଧାନ, ଜରପଡା ଗ୍ରାମର ବିଶିଷ୍ଟ ବ୍ୟକ୍ତି ପଞ୍ଚୁନ ।ଥ (ନାରାୟଣ ସାହୁ) ଅବସର ପ୍ରାପ୍ତ କିରାଣୀ ଦନ ।ରଦ୍ଧନ ପ୍ରଧାନ,କହ୍ନେଇ ସାହୁ, ଡମ୍ବରୁଧର ବେହେରା, ପୂର୍ବତନ ପରିଚାଳନା କମିଟି ସଭାପତି ବିନୋଦ ପ୍ରଧାନ, ପରିଚାଳନା କମିଟି ସଦସ୍ୟ ଚିତ୍ତରଞ୍ଜନ ଦାସ, ଭୋଳେଶ୍ୱର ଗୋଚ୍ଛାୟତ,ରତ୍ନାକର ବାରିକ, କମିଟି ର ସମସ୍ତ ସଦସ୍ୟ, ସଦସ୍ୟା ବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟିତ୍ରୀ ଅନ୍ୟାନ୍ୟ ଓ କର୍ମଚାରି ଉପସ୍ଥିତ ରହି ନିଜେ ନିଜର ବହୁ ମୂଲ୍ୟ ମତ । ମତ ପ୍ରକାଶ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ପାଣିଗ୍ରାହୀ ସମସ୍ତ ଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

ଛେଣ୍ଡିପଦା ଠାରେ 'ଉଲ୍ଲାସ ' କାର୍ଯ୍ୟକ୍ରମ : ସଚେତନତା ରାଲି ଓ ସେମିନାର

ଛେଣ୍ଡିପଦା(ମନ୍ଥନ)- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଦର ମହକୁମା ଠାରେ ଶିକ୍ଷା ବିଭାଗ ପକ୍ଷରୁ ନବ ଭାରତ ସାକ୍ଷରତା ଅଭିଯାନ ସଚେତନତା ପକ୍ଷ (ଉଲ୍ଲାସ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏହି କାର୍ଯ୍ୟକ୍ରମକୁ ଅଧିକ ମନମୁଖୀ ଓ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ସ୍ୱତନ୍ତ୍ର ଭାବେ ଏକ ସଚେତନତା ରାଲି ଓ ସେମିନାର ଅନୁଷ୍ଠିତ ହୋଇଯାଇଛି । ତେବେ ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରୁ ବାହାରିଥିବା ଏହି ରାଲି ଗ୍ରାମ ବଜାର ପରିକ୍ରମା କରିବା ସହ ନିରକ୍ଷରତା ଦୂରୀକରଣ, ଡିଜିଟାଲ ଓ ଆର୍ଥିକ ସାକ୍ଷରତା ଏବଂ ଜୀବନବ୍ୟାପୀ ଶିକ୍ଷା ଲାଭ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିବା ସହ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହାପରେ ବ୍ଲକ ସଭାଗୃହ ଠାରେ ଏକ ସେମିନାର ଆୟୋଜିତ ହୋଇଥିଲା । ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ଅଧିନରେ ଥିବା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଏହି ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଲ୍ଲାସ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଲକ୍ଷ୍ୟ ଉଦ୍ଦେଶ୍ୟ ଆବଶ୍ୟକତା ସାଙ୍ଗକୁ ସମାଜର ପ୍ରତ୍ୟେକ ବର୍ଗ ଲୋକଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର ନାଥ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି

କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ,ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ପାଦ ବେହେରା, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ,ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ପ୍ରଧାନ ଙ୍କ ସମେତ ଶିକ୍ଷା ବିଭାଗୀୟ ଅଧିକାରୀ ମଞ୍ଜା ସିନ ଥିଲେ । ଏହି ଅବସରରେ ସମସ୍ତ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ସ୍ୱଦେଶୀ ଶିଳ୍ପ ମହୋତ୍ସବ ଆରମ୍ଭ

ବଲାଙ୍ଗିର : ସୃଷ୍ଟି ହେଲପିଙ୍ଗ ହାଣ୍ଡ କଲ୍ୟାଣ ସଂଘ ତରଫରୁ ଆଜିଠାରୁ ଆରମ୍ଭ ହେଉଛି ସ୍ୱଦେଶୀ ଶିଳ୍ପ ମହୋତ୍ସବ ।ସ୍ଥାନୀୟ କୋଶଲ କଳାମଣ୍ଡଳ ପଡିଆରେ ରେ ଏକମାସ ପାଇଁ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ତଥା ବିକ୍ରୟ ମେଳା ସାଂସଦ

ସଂଗୀତା ସିଂହଦେଓ ଙ୍କ ନୋମିନି ଦିନେଶ ୨ ଶର୍ମା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଂଜନ ମିଶ୍ର ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ । ହସ୍ତଶିଳ୍ପ. ଖଦୀ ପରି ଜିନିଷ ର ଚାହିଦା ବଢାଇବାକୁ ଏହି ମେଳା ଓ ବିକ୍ରୟ କେନ୍ଦ୍ର ର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ । ଭାରତର ବିଭିନ୍ନ ପ୍ରଦେଶ ରୁ ହସ୍ତତନ୍ତ, ଖଦୀ ଓ ଗ୍ରାମୋଦ୍ୟୋଗ ଉତ୍ପାଦ, ହସ୍ତଶିଳ୍ପ ଦ୍ରବ୍ୟ ଆସିଥିବା, ସୁଲଭ ମୂଲ୍ୟରେ ମିଳିବାକୁଥିବା ପରିଚାଳକ ବେଦ ପ୍ରକାଶ ତିୱାରୀ ଓ ପ୍ରେମରାମ ଦୁବେ ପ୍ରକାଶ କରିଛନ୍ତି ।

କ୍ଲଷ୍ଟରସ୍ତରୀୟ ଉଲ୍ଲାସ ପ୍ରଶିକ୍ଷଣ

ଗୋପ,୧୩/୯ ()୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ନିରକ୍ଷର ବ୍ୟକ୍ତିଙ୍କୁ ମୌଳିକ ସାକ୍ଷରତା, ଜୀବନ କୌଶଳ, ବୃତ୍ତିଗତ ଦକ୍ଷତା ଓ ନିରନ୍ତର ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଭୈରବ ନୋଡାଲ ୟୁଏଏସ୍ କ୍ଲଷ୍ଟର ପକ୍ଷରୁ କ୍ଲଷ୍ଟରସ୍ତରୀୟ 'ଉଲ୍ଲାସ' ତଥା 'ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ' ସଂପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୈରବ ନୋଡାଲ ୟୁଏଏସ କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଏଥିରେ ଯୋଗଦେଇଥିଲେ । ସିଆରସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧନକର୍ମୀ ନିରଞ୍ଜନ ଦାସ ଓ ସାଧନକର୍ମୀ ସୁଶାନ୍ତ ବେହେରା ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମର ବିଭିନ୍ନ ପଦକ୍ଷେପ ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ରୁଦ୍ରାଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ପ୍ରଧାନ ଓ ସହକାରୀ ଶିକ୍ଷକ ବିଶ୍ୱନାଥ ପୂଜାହାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ରାଜଗାଙ୍ଗପୁର ଶେଷ ପର୍ଯ୍ୟାୟରେ ଶାନ୍ତି କମିଟି ବୈଠକ ସମ୍ପନ୍ନ

ରାଜଗାଙ୍ଗପୁର : ରାଜଗାଙ୍ଗପୁର ପୌରପରିଷଦ ଅନ୍ତର୍ଗତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ଏସପି ଅମ୍ରିତପାଳ କୋର ଙ୍କ ଅଧ୍ୟକ୍ଷତାରେ ସହର ର ଐତିହାସିକ ମୁମ୍ବାଇ ଷ୍ଟାଇଲ ରେ ଚଳିତ ମାସ ୧୪ ତାରିଖରୁ ଅନୁଷ୍ଠିତ ହେଉଥିବା ପବିତ